# ପାଇପ ପାଣି ପାଇଁ ଦୁଇ ସାହି ମଧ୍ୟରେ ବିବାଦ

ବୋରିଗୁମ୍ମା,୨୧।୫(ସମିସ): ପଞ୍ଚାୟତ ପକ୍ଷରୁ ପାଇପ ପାଣି ଯୋଗାଣକୁ ନେଇ ଦୁଇ ସାହି ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ବୋରିଗୁମ୍ମା ବଣ୍ଡାଗୁଡା ଗାଁରେ ବହୁ ଦିନ ଧରି ପିଇବା ପାଣି ସମସ୍ୟା ରହୁଥିଲା । ତାକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ ଏକ ଓଭର ହେଡ ଟ୍ୟାଙ୍କ ଯୋଗେ ବଣ୍ଡାଗୁଡା ଗାଁର ସାହି ସାହିରେ ପାଇପ ଯୋଗେ ପାଣି ବ୍ୟବସ୍ଥା କରାଯାଇଥିଲା। ଉପର ସାହିର ଲୋକେ ସମସ୍ତଙ୍କ ଘରେ ଘରେ ମୋଟର ପମ୍ପ ଲଗାଇ ପାଣି ନେଇଯିବା ଫଳରେ ଆଉ ତଳ ସାହିକୁ ପାଣି ପହଞ୍ଚି ପାରିଲା ନାହିଁ । ଫଳରେ ତଳ ସାହି ଲୋକଙ୍କୁ ଏକ କିଲୋମିଟର ଦୂରରୁ ପାଣି ଆଣିବାକୁ ପଡିଲା। ସମସ୍ୟା ସମ୍ପର୍କରେ ବୋରିଗୁମ୍ମା ବିଡିଓ, ସରପଞ୍ଚ ଏବଂ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ କିଛି ପଦକ୍ଷେପ ଗ୍ରହଣ କରି ନଥିଲେ। ଶେଷରେ ତଳ ସାହି ଲୋକେ ଓଭର ହେଡ ଟ୍ୟାଙ୍କର ମୋଟରକୁ ବାହାର କରି ନେଇଗଲେ। ଯେ ପର୍ଯ୍ୟନ୍ତ ପ୍ରଶାସନ ପାଣି ସମସ୍ୟା ଦୂର ନ କରନ୍ତି, ସେ ପର୍ଯ୍ୟନ୍ତ ମୋଟର ଲଗାଇ ଦେବୁ ନାହିଁ ବୋଲି କହିଛନ୍ତି। ସେପଟେ ଉପର ସାହିର ମହିଳା ମାନେ ପାଣି ନ ପାଇ ଗରା ମାଠିଆ ଧରି ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି । ତୁରନ୍ତ ପ୍ରଶାସନ ପୁନଃ ମୋଟର ଲଗାଇ ପାଣି ସମସ୍ୟା ଦୂର କରୁ ଏବଂ ମୋଟର କେହି ଚୋରି କରି ନେଇଛନ୍ତି ବୋଲି ଥାନାରେ ଏତଲା ଦେବେ ବୋଲି କହିଛନ୍ତି।

# ଉଷାରାଣୀଙ୍କୁ ଶ୍ରଦ୍ଧାଞ୍ଜଳି



ନବରଙ୍ଗପୁର, ୨୧।୫ (ସମିସ): ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିର ନିକଟ ହୋଟେଲ ତୃପ୍ତି ସମ୍ମିଳନୀ କକ୍ଷଠାରେ ଉତ୍କଳ ପରିଷଦ ପକ୍ଷରୁ ସକ୍ରିୟ କାର୍ଯ୍ୟକାରିଣୀ ସଦସ୍ୟା ସ୍ୱର୍ଗୀୟା ସି ଏଚ ଉଷାରାଣୀଙ୍କ ଅକାଳ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ପରିଷଦର ସଭାପତି ବିଜୟ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଉପଦେଷ୍ଟା ତଥା ନବରଙ୍ଗପୁର ଜିଲ୍ଲା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର, ସାହିତ୍ୟଘର ସଭାପତି ତଥା ଶିକ୍ଷାବିତ ଡ ସାଇ ରମେଶ ରାଓ, ସମ୍ପାଦକ ଅଧ୍ୟାପକ ଅଖିଳ କୁମାର ଭଟ୍ଟ, ବରିଷ୍ଠ ସଭ୍ୟ ଗଣେଶ୍ୱର ଦାସ, ଉପଦେଷ୍ଟା ଦେବେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ମଞ୍ଚାସିନ ରହି ସ୍ୱର୍ଗୀୟା ଉଷାରାଣୀଙ୍କ ସ୍ମୃତି ଚାରଣ କରିଥିଲେ। ଉଷାରାଣୀ ପୁରୀଠାରେ ନିଜ ସ୍ୱାମୀଙ୍କ ଶ୍ରାଦ୍ଧ କର୍ମ ସାରି ଫେରିବା ବାଟରେ ପାପଡ଼ାହାଣ୍ଡି ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ନିଜ ଝିଅଙ୍କ ସହ ପ୍ରାଣ ହରାଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ପ୍ରଭାସିନୀ ମହାନ୍ତି, ଯୁଗ୍ମ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ,ସୁରେଶ ଚନ୍ଦ୍ର ମିଶ୍ର, ନିରଞ୍ଜନ ମିଶ୍ର, ଜଗନ୍ନାଥ ବେହେରା, ହୃଷୀକେଶ ଦାସ, ରବିକାନ୍ତ ରଘୁରାମ, ରାମକୃଷ୍ଣ ପାତ୍ର, ଗୋପାଳ କୃଷ୍ଣ ପାଣିଗ୍ରାହୀ, ଅଧ୍ୟାପକ ବନବିହାରୀ ଦାସ,ଝରଣା ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁଶୋଭିତ ମେରିଲିନ୍ ତୁରୁକ, ଅପରାଜିତା ଶତପଥୀ, ରଜନୀ କୁମାର ପାତ୍ର,ସ୍ୱର୍ଣ୍ଣଲତା ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି ସ୍ମୃତି ଚାରଣ କରିଥିଲେ।

# ମଦକୁ ମହିଳାଙ୍କ ବିରୋଧ, ପ୍ରଶାସନର ସହଯୋଗ



ତେନ୍ତୁଳିଖୁଣ୍ଟି,୨୧।୫(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ବିଭିନ୍ନ ଗ୍ରାମରେ ମହିଳା ମାନେ ମଦ ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ଦେଖିବାକୁ ମିଳୁଛି। ବେଆଇନ ମଦ ବିକ୍ରି ଅଭିଯୋଗ ପରେ ମହିଳାଙ୍କ ମିଶି ଅବକାରୀ ବିଭାଗ ମଦ ବିକ୍ରି ବନ୍ଦ କରାଉଥିବା ଦେଖିବାକୁ ମିଳୁଛି । ଡେଙ୍ଗପଦର ଗ୍ରାମର ମହିଳା ମାନେ ମଦ ବନ୍ଦ ପାଇଁ ନିବେଦନ କରିଥିବା ବେଳେ ନବରଙ୍ଗପୁର ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ତଥା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ ତେନ୍ତୁଳୀଖୁଣ୍ଟି ଥାନା ଅର୍ନ୍ତଗତ ଡେଙ୍ଗପଦର ଗ୍ରାମରେ ମଦ ବିକ୍ରିକୁ ବନ୍ଦ କରିବା ପାଇଁ ପଦକ୍ଷେପ ନେଇଥିଲେ। ଗ୍ରାମର ମହିଳାଙ୍କ ଉପସ୍ଥିତିରେ ଅବକାରୀ ଚଢ଼ଉ କରି ଜଣେ ମହିଳାଙ୍କ ବିରୁଦ୍ଧରେ ଅବକାରୀ ମାମଲା ରୁଜୁ କରି ଗ୍ରାମରେ ମଦ ବନ୍ଦ କରିବା ନିମନ୍ତେ ସଚେତନ କରାଇଥିଲେ ଅବକାରୀ ବିଭାଗ ଏବଂ ଡେଙ୍ଗପଦର ଗ୍ରାମର ମହିଳା। ମହିଳା ମାନେ ବୁଲି ବୁଲି ସମସ୍ତଙ୍କୁ ମଦ ବିକ୍ରି ବନ୍ଦ କରିବା ପାଇଁ ଅନୁରୋଧ କରିଥିବା ଦେଖିବାକୁ ମିଳିଛି। ଏହି ଚଢ଼ଉରେ ରିସିମା କୁମାରୀ ସୁନା, ସୁଧାଂଶୁ ଶେଖର ବାଘ, ଆକ୍ରମ ଖାନ ଓ ସଦା ଶିବ ଭତରା ସହଯୋଗ କରିଥିଲେ।

# ଆଇନଜୀବୀ ସଂଘ ନିର୍ବାଚନ ପାଇଁ ପ୍ରଚାର ଜୋରଦାର

ନବରଙ୍ଗପୁର,୨୧।୫(ସମିସ): ଚଳିତ ମାସ ୨୩ ତାରିଖ ଦିନ ନବରଙ୍ଗପୁର ଆଇନଜୀବୀ ସଂଘର କର୍ମକର୍ତ୍ତା ନିର୍ବାଚନ ହେବାକୁ ଥିବା ବେଳେ ପ୍ରାର୍ଥୀ ମାନଙ୍କ ପ୍ରଚାର କାର୍ଯ୍ୟ ଜୋର ଧରିଥିବା ଦେଖିବାକୁ ମିଳିଛି। ଚଳିତ ୨୦୨୬ ନିର୍ବାଚନରେ ସଭାପତି ଓ ସମ୍ପାଦକ ପଦବବି ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହି ନିର୍ବାଚନରେ ମୋଟ ୧୮୬ ଜଣ ଆଇନଜୀବୀ ମାନେ ନିଜ ନିଜ ମତ ସାବ୍ୟସ୍ତ କରିବେ। ସଭାପତି ପଦବୀରେ ପୂର୍ବତନ ଆଇନଜୀବୀ ସଂଘର ସଭାପତି ସିରାଜୁଦ୍ଦିନ ଅହମ୍ମଦ ଓ ସନ୍ତୋଷ କୁମାର ମିଶ୍ର ପ୍ରତିଦ୍ୱନ୍ଦ୍ୱିତା। କରୁଥିବା ବେଳେ ସମ୍ପାଦକ ପଦବୀ ପାଇଁ ପୂର୍ବତନ ସମ୍ପାଦକ ତପନ କୁମାର ସିଂ ଓ ମହିଳା ଆଇନଜୀବୀ କିଶୋରୀ ପଟ୍ଟନାୟକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସଭାପତି ପଦବୀ ପାଇଁ ସିରାଜୁଦ୍ଦିନ ଅହମ୍ମଦ ପୂର୍ବରୁ ଦୁଇଥର ନବରଙ୍ଗପୁର ଆଇନଜୀବୀ ସଂଘର ସଭାପତି ପଦବୀରେ ରହିଆସିଛନ୍ତି। ସଭାପତି ପଦବୀ ପାଇଁ ରହିଥିବା ଅନ୍ୟ ଏକ ପ୍ରତିଦ୍ୱନ୍ଦ୍ୱୀ ସନ୍ତୋଷ କୁମାର ମିଶ୍ର ପୂର୍ବରୁ ସଂଘରେ ଉପ ସଭାପତି ପଦବୀରେ ବିଜୟୀ ହୋଇଥିଲେ। ସେହିପରି ଅନ୍ୟ ପକ୍ଷରେ ସମ୍ପାଦକ ପଦବୀରେ ତପନ କୁମାର ସିଂ ୫ ଥର ସଂପାଦକ ପଦବୀରେ ରହି ଆସିଥିବା ବେଳେ ସମ୍ପାଦକ ପଦବୀରେ ଚଳିତ ବର୍ଷ ମହିଳା ପ୍ରାର୍ଥୀ ରୂପେ କିଶୋରୀ ପଟ୍ଟନାୟକ ରହିଛନ୍ତି। ୧୮୬ ଜଣଙ୍କ ମଧ୍ୟରୁ ସିଂହ ଭାଗ ଭୋଟର ସଦର ମହକୁମାରେ ରହିଥିବା ବେଳେ ଅନ୍ୟ ମତଦାତା ମାନେ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି, କୋଡିଙ୍ଗା, ଡାବୁଗାଁ, ତେନ୍ତୁଳିଖୁ, ଇନ୍ଦ୍ରାବତୀ, ଉଙ୍ଗରଭେଜା ଗ୍ରାମ ମାନଙ୍କରେ ରହି ଆସୁଛନ୍ତି। ପ୍ରାର୍ଥୀ ମାନେ ନିଜ ସମର୍ଥକ ମାନଙ୍କ ଗହଣରେ ଘରକୁ ଘର ବୁଲି ପ୍ରଚାର କରିବା ସହ ସୋସିଆଲ ମିଡିଆ ମାଧ୍ୟମରେ ପ୍ରଚାର କରୁଛନ୍ତି। ଏହା ବ୍ୟତୀତ ସିନିୟର ଆଇନଜୀବୀ ମାନଙ୍କ ଚାମ୍ବର ମାନଙ୍କରେ ମଧ୍ୟ ପ୍ରଚାର ଚଳାଇଥିବା ଦେଖିବାକୁ ମିଳିଛି। ଚଳିତ ଥରର ନିର୍ବାଚନ ପ୍ରଚାରରେ ସବୁଠାରୁ ଅଧିକ ସଂଖ୍ୟକ ଜୁନିୟର ରହିଥିବା ଚାମ୍ବରର ମୁଖ୍ୟ ବରିଷ୍ଠ ଆଇନଜୀବୀ ତଥା ନବରଙ୍ଗପୁର ଆଇନଜୀବୀ ସଂଘର ପୂର୍ବତନ ସଭାପତି ନରସିଂହ ତ୍ରିପାଠୀଙ୍କ ନିକଟରେ ପ୍ରାର୍ଥୀ ମାନଙ୍କ ଭିଡ ଅଧିକ ରହୁଥିବା ବହୁ ଆଇନଜୀବୀ ଏବଂ ନବରଙ୍ଗପୁର ଜନ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଚଳିତ ମାସ ୨୩ ତାରିଖ ଶନିବାର ଅର୍ଥାତ୍ ଆସନ୍ତାକାଲି ଦିନ ସକାଳ ସାଢେ ସାତ ଘଣ୍ଟାରୁ ଦିନ ୩ଘଣ୍ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଓ ଅପରାହ୍ନ ୪ଟା ପରେ ମତଗଣନା ଓ ଫଳାଫଳ ଘୋଷଣା ହେବ ବୋଲି ନିର୍ବାଚନ ଅଧିକାରୀ ସରୋଜ କୁମାର ବେହେରା ସୂଚନା ପ୍ରଦାନ କରିଛନ୍ତି।

# ବାଘ ଛାଲ ଜବତ; ଦୁଇ ଗିରଫ

ଉମରକୋଟ,୨୧।୫(ସମିସ): ନବରଙ୍ଗପୁର ଜିଲ୍ଲା ବନ ବିଭାଗକୁ ମିଳିଛି ବଡ଼ ସଫଳତା। ଏକ କଲରା ପତରିଆ ବାଘ ଛାଲ ବିକ୍ରି ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିବା ସମୟରେ ଧରା ପଡ଼ିଲେ ଦୁଇ ଜଣ ଆନ୍ତଃଜିଲ୍ଲା ବାଘଛାଲ ଚୋରା ବ୍ୟବସାୟୀ। ବିଶେଷ ସୂତ୍ରରୁ ଖବର ପାଇ ନବରଙ୍ଗପୁର ଏସିଏଫ ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଉମରକୋଟ ଓ କୋଡିଙ୍ଗା ସୀମାନ୍ତ ମାଲବେଡ଼ା ପିଏଫଆର ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ତରଫରୁ ମିଳିତ ଅପରେସନ କରାଯାଇଥିଲା। ଏହି ସମୟରେ କୋରାପୁଟ ଜିଲ୍ଲାର ଦଶମନ୍ତପୁର ଥାନା ହରଡାପୁଟ ଗ୍ରାମର କୁନୁ କୁମ୍ଭାର(୪୩) ଓ ବିସିଂଙ୍ଗ ପୁର ଥାନା ଜଡାପୁଟ ଗ୍ରାମର ଦୁର୍ଯ୍ୟ ଗୋଲାରୀ(୪୭) ଦୁଇ ବନ୍ୟଜନ୍ତୁ ଚୋରା ଚାଲାଣକାରୀ ଏକ କଲରାପତରିଆ ବାଘ ଛାଲ ଧରି ତାକୁ ବିକ୍ରି ପାଇଁ ଗତକାଲି ରାତ୍ର ୯ ଘଣ୍ଟା ସମୟରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ବନ ବିଭାଗର ଟିମ ଏମାନଙ୍କୁ କାବୁ କରିଥିଲା। ବନ ବିଭାଗ ଏମାନଙ୍କ ଠାରୁ ପ୍ରାୟ ୬ ଫୁଟ୍ ଲମ୍ବର ଏକ ବାଘ ଛାଲ ସହ ଚୋରା ଚାଲାଣରେ ବ୍ୟବହୃତ ଏକ କଳା ରଙ୍ଗର ଉଇତ ମୋଟରସାଇକେଲ ଜବତ କରିଛି। ଏହି ବାଘ ଛାଲ ବୋରିଗୁମ୍ମା ବ୍ଲକ ବିସିଂଙ୍ଗପୁର ଥାନା ଚାନ୍ଦବେଡା ଗ୍ରାମରୁ ଆଣିଥିବା ଜଣାପଡିଛି। ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ର୍ୟାକେଟ୍ ପଛରେ ଆଉ କାହାର ହାତ ଅଛି ସେ ନେଇ ଅଧିକ ତଦନ୍ତ ଚଳାଇଛି ବନ ବିଭାଗ। ଏହି ଚଢ଼ଉ ସମୟରେ ଉମରକୋଟ ରେଞ୍ଜର ଫରେଷ୍ଟର ଲମ୍ବୋଦର ସମରଥ, ଫରେଷ୍ଟ ଗାର୍ଡ ମଳୟ ରଞ୍ଜନ, ନିରଦ ସୁନା, ଅମିତ ସାହୁ, ରାଇଘର ରେଞ୍ଜର ଫରେଷ୍ଟ ଗାର୍ଡ ଭବାନୀ ଶଙ୍କର ବିଷୋୟୀ, କୋଡିଙ୍ଗା ରେଞ୍ଜର ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ନନ୍ଦ, ଫରେଷ୍ଟ ଗାର୍ଡ ଉମାଶଙ୍କର ପାଣିଗ୍ରାହୀ, ନବରଙ୍ଗପୁର ରେଞ୍ଜର ଫରେଷ୍ଟ ଗାର୍ଡ ଲାଲୁ ବିଷୋୟୀ ଓ ଉମରକୋଟ, ରାଇଘର, କୋଡିଙ୍ଗା, ନବରଙ୍ଗପୁରର ପାରାସ୍ୱାର୍ଡ ପ୍ରମୁଖ ଉପସ୍ଥିତ ଥିଲେ।




● ମାଛ ଧରିବା ବେଳେ ଅଘଟଣ

# ନଦୀରୁ ପୁଅ ଓ ଭଣଜାକୁ ଉଦ୍ଧାର କରି ବୁଡ଼ିଗଲେ ବାପା

ନନ୍ଦପୁର,୨୧।୫(ସମିସ): ମାଛ ଧରିବା ବେଳେ ନଦୀରେ ବୁଡି ଯାଉଥିବା ଭଣଜା ଓ ପୁଅର ଜୀବନ ବଞ୍ଚାଇ ନିଜେ ପିତା ଜୀବନ ହରାଇଛନ୍ତି ସନ୍ଧ୍ୟା ସୁଦ୍ଧା ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ପାରିନାହିଁ। ଏହାକୁ ନେଇ ଉଭୟ ଓଡ଼ିଶା ସୀମାନ୍ତ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ଆନ୍ଧ୍ର ଓ ଓଡ଼ିଶା ସୀମାନ୍ତ ପାଛୁ ଲୁଙ୍ଗ ପଞ୍ଚାୟତ ସଭାପୁଟ ବିଜୁ ସେତୁ ମୁହାଣ ଆନ୍ଧ୍ର ପ୍ରଦେଶ ପେଦା ବାଇଲ ମଣ୍ଡଳର ନାଗେଶ ହନ୍ତାଳ ଓ ତାଙ୍କ ପୁଅ ଆଉ ଭଣଜା ମଧ୍ୟାହ୍ନରେ ମାଛ ଧରିବାକୁ ନିକଟସ୍ଥ ଓଡ଼ିଶା ନଦୀ ମୁହାଣକୁ ଆସିଥିଲେ। କିନ୍ତୁ ଅସାବଧାନତା ବଶତଃ ପୁଅ ଭଣଜା ମିଶି ନଦୀ ମଝିରେ ଭାସି ଯାଇଥିବା ବେଳେ ନିଜେ ନାଗେଶ ନଦୀରେ ବୁଡ଼ି ଭଣଜା ଓ ପୁଅକୁ ବଞ୍ଚାଇ ଥିଲେ। କିନ୍ତୁ ନାଗେଶ ନଦୀରେ ବୁଡି ନିଖୋଜ ହୋଇ ଯାଇଥିଲେ। ଏହି ଘଟଣା ଘଟିଛି ଓଡ଼ିଶା ଆନ୍ଧ୍ର ସୀମାନ୍ତ ପାଛୁଲୁଙ୍ଗ ଗ୍ରାମ ପଞ୍ଚାୟତ ସବା ପୁଟ ବିଜୁ ସେତୁ ନିକଟରେ। ଏହି ଖବର ପାଇ ପଛାଲୁଂ ଗ୍ରାମ ପଞ୍ଚାୟତ ସରପଞ୍ଚ ପୂଜା ଖିଲ ଓ ସାମାଜିକ କର୍ମୀ ଆକାଶ ଖିଲଙ୍କ ସମେତ ଓଡ଼ିଶା ସୀମାନ୍ତ ସାମାଜସେବୀ ମାନେ ଘଟଣା ସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ସହ ଆନ୍ଧ୍ର ପ୍ରଦେଶର ପ୍ରଶାସନକୁ ଖବର ଦେଇଥିଲେ। ଖବର ପାଇ ଆନ୍ଧ୍ର ପ୍ରଦେଶର ପ୍ରଶାସନ ତହସିଲଦାର ତ୍ରିନାଥ ରାଓଙ୍କ ସମେତ ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସନ୍ଧ୍ୟା ସୁଦ୍ଧା ନିଖୋଜ ବ୍ୟକ୍ତିଙ୍କ ଅନୁସନ୍ଧାନ ମିଳି ପାରିନାହିଁ।

● ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଉତ୍ତେଜନା

# ୫ ବିଦ୍ୟୁତ କର୍ମଚାରୀ ଅଟକ

ବିଷମ କଟକ,୨୧।୫(ସମିସ) ଦୀର୍ଘ ଏକ ମାସ ହେଲା ଅଘୋଷିତ ବିଦ୍ୟୁତ କାଟ ସମସ୍ୟାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଥିଲା। ଏହି ସମୟରେ ବିଦ୍ୟୁତ ବିଭାଗର ୫ କର୍ମଚାରୀ ଗ୍ରାମବାସୀଙ୍କ ହାବୁଡ଼ରେ ପଡିବା ପରେ ଗ୍ରାମବାସୀଙ୍କ ଦ୍ୱାରା ଦୀର୍ଘ ପାଞ୍ଚ ଘଣ୍ଟା ଅଟକ ରହିଥିଲେ। ଏଭଳି ଦୃଶ୍ୟ ଦେଖିବା ପାଇଁ ମିଳିଛି ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ କୁମ୍ଭାର ଧାମୁଣୀ ଗ୍ରାମରେ। ଗୁରୁବାର ମଧ୍ୟାନ ସମୟରେ ବିଦ୍ୟୁତ ବିଭାଗ କର୍ମଚାରୀ ରଘୁ କୁସିଲିଆ,ରିଙ୍କୁ ପଣ୍ଡା, ଚୈତନ୍ୟ ମାଣ୍ଡିକା, ତପନ ବେହେରା ଏବଂ କୈଳାଶ ମିଳିତ ଭାବେ ବିଦ୍ୟୁତ ମରାମତି କାର୍ଯ୍ୟରେ କୁମ୍ଭାର ଧାମୁଣୀ ଗ୍ରାମକୁ ଯାଇଥିଲେ। ସେହି ସମୟରେ ଉତ୍ୟକ୍ତ ଗ୍ରାମବାସୀଙ୍କ ହାବୁଡ଼ରେ ପଡିବା ପରେ ସେମାନଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଖବର ପାଇଁ ବିଦ୍ୟୁତ ବିଭାଗ ଯନ୍ତ୍ରୀ ନିରଞ୍ଜନ ବେଉରା ବିଷମ କଟକ ପୁଲିସ ସହାୟତାରେ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ଆସନ୍ତା ୭ ଦିନ ମଧ୍ୟରେ ବିଦ୍ୟୁତ ସମସ୍ୟାର ସମାଧାନର ପ୍ରତିଶୃତି ପରେ ଅଟକ ଥିବା ବିଦ୍ୟୁତ କର୍ମଚାରୀ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର ହୋଇଥିଲେ।

● ପଞ୍ଚାୟତ ପିଡିଏସ୍ ପାଣ୍ଠି ଅନିୟମିତତା ଘଟଣା

# କାର୍ଯ୍ୟର ତଦାରଖ କଲେ ଜିଲ୍ଲା ପଞ୍ଚାୟତ ଅଧିକାରୀ

ବିଷମ କଟକ,୨୧।୫(ସମିସ): ରାୟଗଡା ଜିଲ୍ଲା ବିଷମକଟକ ଗ୍ରାମ ପଞ୍ଚାୟତ ମଧ୍ୟରେ ହୋଇଥିବା ପିଡ଼ିଏସ ପାଣ୍ଠିର ଅନିୟମିତତାର ଆରମ୍ଭ ହେଲା ତଦନ୍ତ। ଗୋଦାମ ଗୃହ ନିର୍ମାଣରେ ଜାଲିଆତି କରିଥିବା ଘଟଣା ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିବା ପରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟ ନାରାୟଣ ମହାରଣା ବିଷମ କଟକ ପଞ୍ଚାୟତ କାର୍ଯ୍ୟଳୟରେ ପହଞ୍ଚି ପିଡିଏସ ଗୋଦାମ ଗୃହର ତଦନ୍ତ ଆରମ୍ଭ କରିଛନ୍ତି। ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ମହାରଣା ପ୍ରଥମେ ବିଷମକଟକ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଅଡ଼ଙ୍ଗାକାଙ୍କ କାର୍ଯ୍ୟଳୟରେ ପହଞ୍ଚି ସମସ୍ତେ କାଗଜପତ୍ର ଯାଞ୍ଚ କରିବା ସହ ପିଡିଏସ ଗୋଦାମରେ ହୋଇଥିବା କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହା ସହ ବ୍ଲକ କାର୍ଯ୍ୟଳୟରେ ମଧ୍ୟ ପହଞ୍ଚି ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି। ସଂଗ୍ରହ ହୋଇଥିବା ସମସ୍ତ ରିପୋର୍ଟ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯିବା ନେଇ ଜିଲ୍ଲା ପଞ୍ଚାୟତ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ପିଡ଼ିଏସ ପାଣ୍ଠି ରୁ ୪ ଲକ୍ଷ ଟଙ୍କା ବିଦ୍ଧିବଧ ପ୍ରକ୍ରିୟା ବିନା ବାହାର କରିଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ପିଡିଏସ ଗୋଦାମ ମରାମତି ନିମନ୍ତେ ୨ ଲକ୍ଷ ଟଙ୍କାର ଫାଇଲ ଖୋଲା ଯାଇଥିବା ନେଇ ଫାଇଲ ରେ ସରପଞ୍ଚ ଦସ୍ତଖତ ମଧ୍ୟ କରିଥିଲେ । କିନ୍ତୁ କିଛିଦିନ ପରେ ସେ ଫାଇଲରେ ୪ଲକ୍ଷ ହୋଇ ଟଙ୍କା ଉଠାଯାଇଥିଲା। ଏ ସମ୍ବନ୍ଧରେ ବିଷମ କଟକ ସରପଞ୍ଚ ନମିତା କୁଲିସିକାଙ୍କୁ ପଚାରିବାରୁ ତାଙ୍କ ନିକଟରେ କୌଣସି ଖବର ନଥିବା କହିଛନ୍ତି। ଏପରି ଘଟଣା କୁ ସିଧାସଳଖ ଯନ୍ତ୍ରୀଙ୍କ ଉପରକୁ ନିଶାନା କରିଛନ୍ତି। କାର୍ଯ୍ୟ ନ ହେବା ସ୍ଥଳେ ଯନ୍ତ୍ରି କିପରି ବିଲ କରିଲେ ତାହାରି ତଦନ୍ତ ଆବଶ୍ୟକ ରହିଛି ବୋଲି ସରପଞ୍ଚ ଦାବି କରିଛନ୍ତି।

# ପେଟ୍ରୋଲରେ ପାଣି ମିଶ୍ରଣ ଅଭିଯୋଗ

ରାମନାଗୁଡ଼ା,୨୧।୫ (ସମିସ): ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ସଦର ମହକୁମାରେ ଥିବା ନାୟାରା ପେଟ୍ରୋଲ ପମ୍ପରେ ପେଟ୍ରୋଲରେ ପାଣି ମିଶାଯାଉଥିବା ନେଇ ସ୍ଥାନୀୟ ଲୋକ ମାନେ ଅଭିଯୋଗ କରିଥିବା ବେଳେ ଏହାତ କିଛି ଫୋଟୋ, ଭିଡିଓ ସୋସିଆଲ ମିଡ଼ିଆରେ ଭାଇରଲ ହୋଇଥିଲା। ତେବେ ଉକ୍ତ ଘଟଣାର ଅଭିଯୋଗକୁ ଆଧାର କରି ପେଟ୍ରୋଲକୁ ଯାଞ୍ଚ କରିବାକୁ ପ୍ରଶାସନିକ ଅଧିକାରୀ ଭାବେ ସ୍ଥାନୀୟ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଯୋଗାଣ ନିରୀକ୍ଷକ ଶଙ୍କର ବେହେରା, ଏ ଏସ ଆଇ ପ୍ରଭୁଦତ୍ତ ପ୍ରଧାନ,ନାୟାରା ସେଲସ ମ୍ୟାନେଜର ଉମେଶ କୁମାର ଦୋରା, ପମ୍ପ ମାଲିକ ଆଶିଷ କୁମାର ପାଢ଼ୀଙ୍କ ଉପସ୍ଥିତିରେ ଉକ୍ତ ଦିନର ପେଟ୍ରୋଲକୁ ଯାଞ୍ଚ କରିଥିବା ଏବଂ ମାନ ନିର୍ଦ୍ଧାରଣ କରିବା ପାଇଁ ଭୁବନେଶ୍ୱରକୁ ପଠା ଯାଇଛି । ତାହା ଏକ ସପ୍ତାହ ପରେ ରିପୋର୍ଟ ଆସିବ ବୋଲି ରାମନାଗୁଡ଼ା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ମତ ଦେଇଛନ୍ତି। ତେବେ ଘଟଣା ସମ୍ପର୍କରେ ସେଲସ ମ୍ୟାନେଜର ଶ୍ରୀ ଦୋରା ଏବଂ ମାଲିକ ଶ୍ରୀ ପାଢ଼ୀଙ୍କୁ ପଚାରିବାରୁ ପେଟ୍ରୋଲରେ ଯେଉଁ ସବୁ ପାଣି ଭଳିଆ ଦେଖା ଯାଉଥିଲା ସେ ଗୁଡିକ ବାଷ୍ପ, ଟାଙ୍କିରେ ଅଧିକ ମାତ୍ରାରେ ତେଲ ଥିବା ହେତୁ ସେଇଟା ବାଷ୍ପରେ ପରିଣତ ହୋଇ ପାଣି ପରି ଦେଖାଯାଏ । କିନ୍ତୁ ସେଇଟା ଇଂଜିନକୁ କିଛି ବି କ୍ଷତି ପହଞ୍ଚାଇବ ନାହିଁ ବୋଲି କହିଥିଲେ।

# ପାଣିରେ ବୁଡି ବୃଦ୍ଧ ମୃତ

ଡାବୁଗାଁ,୨୧।୫(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକର ନନ୍ଦପୁରା ପଞ୍ଚାୟତ ଅଧୀନ ମେଞ୍ଚର ଗ୍ରାମରେ ନଦୀରେ ଗାଧୋଇବା ସମୟରେ ପାଣିରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସନୁ ଗୌଡ (୬୫) । ଗୁରୁବାର ପୂର୍ବାହ୍ନରେ ଗ୍ରାମ ନିକଟ ଭସ୍କେଲ ନଦୀକୁ ସେ ଗାଧୋଇବା ପାଇଁ ଯାଇଥିଲେ । ନଦୀରେ ଗାଧୋଇବା ସମୟରେ ଗୋଡ ଖସି ଯିବାରୁ ପାଣିରେ ସେ ବୁଡି ଯାଇଥିଲେ। ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତକର ପୁଅ ଦେବ ଗୌଡ ଡାବୁଗାଁ ଥାନାରେ ଏତଲା ଦେବା ପରେ ସିଂସାରୀ ଫାଣ୍ଡି ଅଧିକାରୀ ଦୂର୍ଗା ପ୍ରସାଦ ବ୍ରହ୍ମା ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ପାଞ୍ଚନାମା କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ପ୍ରସ୍ତାବିତ ରେଳଧାରଣା ନିର୍ମାଣରେ ଜମିହରାଙ୍କ ବୈଠକ

ଜୟପୁର,୨୧।୫(ସମିସ): କୋରାପୁଟ ଜିଲ୍ଲାରେ ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ଅତ୍ୟନ୍ତ କମ କ୍ଷତି ପୂରଣ ନିର୍ଦ୍ଧାରଣକୁ ନେଇ ଜମିହରାଙ୍କ ଅସନ୍ତୋଷ ବଢୁଥିବା ବେଳେ ଆଜି ଜୟପୁର ବ୍ଲକ ଫାମ୍ପୁଣି ଗ୍ରାମର ଠାକୁରାଣୀ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅସନ୍ତୋଷକୁ ନେଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଲେଖି ହସ୍ତକ୍ଷେପ କରିବାକୁ ଦାବି କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ ଆହୁରି ତୀବ୍ର କରିବେ ବୋଲି ଜମିହରା ମାନେ ଚେତାବନୀ ଦେଇଛନ୍ତି। ଆଜିର ଏହି ବୈଠକରେ ଅକ୍ଷୟ ମିଶ୍ର, ରମେଶ ସାହୁ, ସଦାଶିବ ତ୍ରିପାଠି, ମୁରଲୀଧର ସାହୁ, ପ୍ରଶାନ୍ତ ପଣ୍ଡା ପଦ୍ମନ ପାତ୍ର, ଏ.ଆପ୍ପାରାଓ, ହରେକୃଷ୍ଣ ଜାନୀ, ପଦ୍ମନ ମାଳି, ବିଜୟ କୁମାର ପାତ୍ର, କାହ୍ନୁ ମହାପାତ୍ର, ଗୌରୀ ଶଙ୍କର ପଟ୍ଟନାୟକ, ଲକ୍ଷ୍ମଣ ପାଣିଗ୍ରାହୀ, ଚନ୍ଦନ କୁମାର ପାଢୀଙ୍କ ସମେତ ଜୟପୁର,ବୈପାରିଗୁଡା,କୁନ୍ଦୁରା, ବୋରିଗୁମ୍ମା, ବ୍ଲକର ରେଳ ପ୍ରକଳ୍ପ ପ୍ରଭାବିତ ଜମିହରା ମାନେ ଉପସ୍ଥିତ ଥିଲେ।

# ମନରେଗା ଅନିୟମିତତାର ତଦନ୍ତ କଲେ ବିଡିଓ

ମାଲକାନଗିରି/କୋରୁକୋଣ୍ଡା,୨୧।୫(ସମିସ): ମନରେଗାରେ ପୋକଲିନ ମେସିନ ଲଗାଇ ହେଉଥିଲା ୨ଟି ପୋଖରୀ କାର୍ଯ୍ୟ, ବିଡ଼ିଓଙ୍କ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ ପରେ ବନ୍ଦ ହେଲା କାର୍ଯ୍ୟ। ଏହାପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପଞ୍ଚାୟତ ଅଧିକାରୀ ରଜେନ୍ଦ୍ର ନେଲୁରୁ, ଜିଆରଏସ ମାଛୁ ଖରା ଏବଂ ଯନ୍ତ୍ରୀ ରୂପକ ସିଙ୍ଗ ଉପରେ ପଡିଲା ଛାଟ। ୩ କର୍ମଚାରୀଙ୍କୁ ଚିଠି କରି ଜବାବ ତଲବ କଲେ ବିଡ଼ିଓ। ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ କାମବେଡା ପଞ୍ଚାୟତ ଅନ୍ତର୍ଗତ ଏମଭି-୩୦ ଗ୍ରାମର ଘଟଣାକୁ ନେଇ।

# କବି ଅମଲ ମଣ୍ଡଳଙ୍କ ପରଲୋକ

କାଲିମେଲା,୨୧।୫(ସମିସ): ମାଲକାନଗିରି ଜିଲ୍ଲା ଓଡ଼ିଆ ସାହିତ୍ୟ ଜଗତର ଜଣାଶୁଣା ତାରକା କବି ଅମଲ ମଣ୍ଡଳଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୧ ବର୍ଷ ବୟସ ହୋଇଥିଲା।



ସେ କାଲିମେଲା ବ୍ଲକ ବି କେ ଏ ସ ଏ ସ ର ସାଧାରଣ ସମ୍ପାଦକ ମଧ୍ୟ ଥିଲେ। ତାଙ୍କର କିଛି ମାସ ଧରି ଦେହ ଅସୁସ୍ଥ ହେବାରୁ ଚିକିତ୍ସିତ ହୋଇ ଘରେ ଥିଲେ। ବୁଧବାର ରାତ୍ରି ସମୟରେ ତାଙ୍କ ଦେହ ଅବସ୍ଥା ବିଗିଡ଼ିବାରୁ ପରିବାର ଲୋକେ ତାଙ୍କୁ କାଲିମେଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। ତାଙ୍କର ଅନ୍ତିମ ସଂସ୍କାର ଏମପିଭି - ୬୨ ସ୍ଥିତ ତାଙ୍କ ବାସଭବନରେ କରାଯାଇଥିଲା।

୧୦ଟି ପରିବାରକୁ ସାମାଜିକ ବାସନ୍ଦ

# ଜିଲ୍ଲାପାଳ,ଏସ୍‌ପିଙ୍କ ଦ୍ୱାରସ୍ଥ ପୀଡ଼ିତ ପରିବାର

ରାୟଗଡ଼,୨୧।୫(ସମିସ): ଦୀର୍ଘ ଦେଢ଼ବର୍ଷ ହେବ ୧୦ଟି ପରିବାରକୁ ସାମାଜିକ ବାସନ୍ଦ କରି ମୌଳିକ ଅଧିକାରରୁ ବଞ୍ଚିତ କରାଯାଇଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଏ ନେଇ ପୀଡିତ ପରିବାର ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଦାବି କରିଛନ୍ତି। ଘଟଣାଟି ରାୟଗଡ଼ ଜିଲ୍ଲା ମୁନିଗୁଡା ବ୍ଲକ କୁଟ୍ରାଗଡ ଗ୍ରାମରେ ଘଟିଛି। ଗ୍ରାମର ଡମ୍ବୁରୁଧର କରକରିଆ, ଡ୍ରାମା କରକରିଆ, କୃଷ୍ଣ କରକରିଆ,ସହଦେବ କରକରିଆ, ଜୟରାମ କରକରିଆ, ମାଧବ କରକରିଆ, କାମଦେବ କରକରିଆ, ନୀଳମଣି କରକରିଆ, ଜ୍ୟୋତିରାମ କରକରିଆ ଓ ପ୍ରଭା କରକରିଆଙ୍କ ପରିବାରକୁ ଗ୍ରାମର କିଛି ଲୋକେ ଆକ୍ରୋଶମୂଳକ ଭାବେ ସାମାଜିକ ବାସନ୍ଦ କରିଥିବା ନେଇ ପୀଡିତ ପରିବାର ଏଭଳି ଅଭିଯୋଗ ନେଇ ଆଜି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରିବା ସହ ଏସପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଏସପିଙ୍କୁ ପ୍ରଦାନ କରି ସମସ୍ୟା ସଂପର୍କରେ ଆଲୋଚନା କରି ନ୍ୟାୟ ଦାବି କରିଛନ୍ତି। ପୀଡିତ ପରିବାରଙ୍କ କହିବାନୁଯାୟୀ, ଉକ୍ତ ଦଶ ପରିବାରର ସଦସ୍ୟମାନଙ୍କୁ ନିୟମିତ ଭାବେ ମାନସିକ ନିର୍ଯାତନା, ଟାହିଟାପରା କରିବା ସହ ସେମାନଙ୍କ ନିଜ ସମ୍ପର୍କୀୟଙ୍କ କାହାର ମୃତ୍ୟୁ ହେଲେ ତାକୁ ଦେଖିବାକୁ ଗଲେ କିମ୍ବା ମଶାଣିକୁ ଗଲେ ଗ୍ରାମର ପ୍ରାୟ ୨୦ଜଣ ଲୋକ ଜୋରଜବରଦସ୍ତ ବାରଣ କରିବା ଏବଂ ମାରପିଟ କରୁଛନ୍ତି। ପୀଡିତ ପରିବାରର ପିଲାମାନେ ଗ୍ରାମରେ ଥିବା ଅଟୋରିକ୍ସାରେ ଗଲେ ସେମାନଙ୍କୁ ଓହ୍ଲାଇ ଦିଆଯାଉଥିବା, ଘର ଚଳିବା ପାଇଁ ଦୋକାନକୁ ଗଲେ ଦୋକାନୀମାନେ ଜିନିଷ ଦେଉ ନ ଥିବା ,ଗ୍ରାମରେ ଥିବା ସ୍କୁଲ ଶିକ୍ଷକମାନେ ମଧ୍ୟ ଅନ୍ୟଙ୍କ ପରି ସାମାଜିକ ବାସନ୍ଦ ଭଳି ଘୃଣ୍ୟ ପ୍ରଥାକୁ ସମର୍ଥନ କରି ସେମାନଙ୍କ ସହ କଥାବାର୍ତ୍ତା ହେଉ ନ ଥିବା ଭଳି ସଙ୍ଗୀନ ଅଭିଯାଗ ପୀଡିତ ପରିବାର ଆଣିଛନ୍ତି। ସେହିପରି ଗ୍ରାମରେ ଥିବା ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଥିବା ବଟବୃକ୍ଷ ମୂଳରେ ପୂଜା କରିବାକୁ ଗଲେ ସେଠାରେ ପରିବା ଦୋକାନ କରିଥିବା କିଛି ଲୋକେ ସେମାନଙ୍କୁ ଜୀବନରେ ମାରି ଦେବା ଭଳି ଧମକ ସହ ସଂଘବଦ୍ଧ ଭାବେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି ଏବଂ ସଂପୂର୍ଣ୍ଣ ଭାବେ ପୂଜା କରିବାକୁ ବାରଣ କରୁଥିବା ଅଭିଯୋଗ ହୋଇଛି। ସେଭଳି ଅଙ୍ଗନବାଡି କର୍ମୀ ମଧ୍ୟ ସେମାନଙ୍କୁ ବାସନ୍ଦକୁ ସମର୍ଥନ କରି ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ଉଚିତ ସେବା ଯୋଗାଇ ଦେଉ ନ ଥିବା ପୀଡତ ପରିବାରମାନେ ଅଭିଯୋଗ କରିଛନ୍ତି। ଘଟଣାର ତୁରନ୍ତ ତଦନ୍ତ କରି ନ୍ୟାୟ ଦେବାକୁ ପୀଡିତ ପରିବାର ଦାବି କରିଛନ୍ତି।



## ପୌର କାଉନ୍ସିଲ ବୈଠକ

# ସଫେଇ ଟେଣ୍ଡରରେ ଦୁର୍ନୀତି ନେଇ କାଉନ୍‌ସିଲର ନିରବ

ଜୟପୁର, ୨୧।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାର ଆଜି ମଧ୍ୟାହ୍ନରେ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଏକ କାଉନ୍‌ସିଲ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ସହରର ସଫେଇ ପାଇଁ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମତା ଏବଂ ଦୁର୍ନିତୀ ଅଭିଯୋଗ କରୁଥିବା ଉପାଧ୍ୟକ୍ଷାଙ୍କ ସମେତ ପ୍ରାୟ ୧୫ ଜଣ କାଉନସିଲ ମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବୀପତ୍ର ପ୍ରଦାନ କରିଥିଲେ ଏବଂ ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ପୌରସଂସ୍ଥା ଏବଂ ଅଧ୍ୟକ୍ଷଙ୍କ ବିରୋଧରେ ଧାରଣା ଦେଇଥିଲେ। କିନ୍ତୁ ଆଜିର ଏହି କାଉନସିଲ ବୈଠକରେ ସମସ୍ତଙ୍କ ପାଟି ଚୁପ ରହିଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହିପରି ଏହି ଅଭିଯୋଗକୁ ନେଇ ଯେଉଁ କାଉସିଲର ନେତୃତ୍ୱ ନେଉଥିଲେ, ଉକ୍ତ କାଉନସିଲରଙ୍କ ଆଜିର ବୈଠକରେ ଦେଖା ମିଳିନଥିଲା। ଗତକାଲି କାଉନସିଲ ବୈଠକ ଅନୁଷ୍ଠିତ ହେବାର ରହିଥିଲା। କିନ୍ତୁ କୌଣସି କାରଣରୁ ଏହା ହୋଇ ପାରିନଥିଲା। ତେଣୁ ଆଜି ମଧ୍ୟାହ୍ନ ସାଢେ ୧୨ ସମୟରେ ଏହି ବୈଠକରେ ସହରର ପରିମଳ, ପାନୀୟ ଜଳ, ରାସ୍ତା ଓ ଡ୍ରେନ, ସାହି ଓ ବସ୍ତିରେ ଖୁଣ୍ଟରେ ଲାଇଟ ସଂଯୋଗୀକରମ ଏବଂ ସହର ବାସିନ୍ଦା ମାନଙ୍କୁ ସେମାନଙ୍କ ମୌଳିକ ସୁବିଧା ପ୍ରଦାନ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଗତ ମାର୍ଚ୍ଚ ମାସରେ ଅନୁଷ୍ଠିତ ବଜେଟ ବିଲ୍‌କୁ ବୈଠକରେ ଅନୁମୋଦିତ କରାଯାଇଥିଲା। ସହରରେ ମଶା ପ୍ରାଦୁର୍ଭାବ ବୃଦ୍ଧି ପାଇଥିବା ଯୋଗୁଁ ତୁରନ୍ତ ଡ୍ରେନ୍ ଏବଂ ଅଳିଆ ଆବର୍ଜନା ସ୍ଥଳରେ ମଶାତେଲ ଛିଞ୍ଚନ ପାଇଁ କ୍ରୟ କରାଯିବା ନେଇ ବୈଠକରେ



ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସାଉଥ୍‌କୋ (ଟିପିଏସଓଡିଏଲ) ପକ୍ଷରୁ ଅଘୋଷିତ ବିଦ୍ୟୁତ କାଟ, ଜୋରଜବରଦସ୍ତ ସ୍ମାର୍ଟ ମିଟର ସଂଲଗ୍ନ , ମିଟର ଭଡ଼ା ଆଦାୟ ଏବଂ ବିଭିନ ବିପଦସଙ୍କୁଳ ବିଦ୍ୟୁତ ଖୁଣ୍ଟ ପରିବର୍ତ୍ତନ ବୈଠକରେ ଉପସ୍ଥିତ ରହିଥିବା ଟିପିଏସଓଡିଏଲ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ଉପସ୍ଥିତ ରହିଥିବା ବିଧାୟକ ତାରା ପ୍ରସାଦ ବାହିନୀପତି ସହର ସମସ୍ତ ବାସିନ୍ଦା ତଥା ବିଦ୍ୟୁତ ଉପଭୋକ୍ତା ମାନଙ୍କୁ ଆହ୍ୱାନ କରିଛନ୍ତି ଯେ, କୌଣସି ପରିସ୍ଥିତିରେ ଟିପିଏସଓଡିଏଲ କର୍ମଚାରୀ ମାନେ ସ୍ମାର୍ଟ ମିଟର ସଂଲଗ୍ନ ପାଇଁ ଆସିଲେ ସେମାନଙ୍କୁ ପ୍ରବଳ ବିରୋଧ କରିବାକୁ। ସହରର ସଫେଇ ଟେଣ୍ଡର ଅନିୟମତା ଅଭିଯୋଗକୁ ନେଇ ଏହା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଶେଷ ହୋଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଉ ଏବଂ ତାଙ୍କ ନିର୍ଦ୍ଦେଶ ଅନ୍ତିମ ନିଷ୍ପତି ହେବ ଏବଂ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ବୈଠକରେ ବିଧାୟକ ଶ୍ରୀ ବାହିନୀପତି କହିଛନ୍ତି। ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସହରର ସମସ୍ତ ୱାର୍ଡରେ ଉନ୍ନତୀମୂଳକ କାର୍ଯ୍ୟପାଇଁ କାଉନସିଲର ମାନେ ସେମାନଙ୍କ ପ୍ରସ୍ତାବ ଦେବାକୁ ଆହ୍ୱାନ କରାଯାଇଛି। ଏହି ପ୍ରସ୍ତାବକୁ ଡ୍ରାଫ୍ଟ କମିଟିର ମଞ୍ଜୁର ପରେ ସରକାରଙ୍କୁ ଅନୁମୋଦନ ପାଇଁ ପ୍ରଦାନ କରାଯିବ। ଜୟପୁର ଏସଡିପିଓଙ୍କ ପ୍ରସ୍ତାବ କ୍ରମେ ଲକ୍ଷ୍ମୀପଣ୍ଡା ଛକ ଠାରେ ଟ୍ରାଫିକ ସିଗନାଲ ଲାଇଟ ସ୍ଥାପନା ଏବଂ ଘୋଡାଶାଳ (ପୁରୁଣା ଫାୟାର ଷ୍ଟେସନ ) ଠାରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ବୈଠକ ପ୍ରସ୍ତାବ ପ୍ରଦାନ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ବି.ସୁନିତା, ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ, ପୌରଯନ୍ତ୍ରୀ ଅଜୟ କୁମାର ଜାନୀ, କାଉନସିଲର ମାନଙ୍କ ସମେତ ଅନ୍ୟାନ୍ୟ ବିଭାଗିୟଅଧିକାରୀ ମାନେ ଉପସ୍ଥିତ ଥିଲେ।

## ୯୮ ପ୍ରତିଶତ ନମ୍ବର ରଖି ଗୌରବ ଆଣିଲେ ସମୀକ୍ଷା ରାଣୀ

କୋଷାଗୁମୁଡ଼ା,୨୧।୫(ସମିସ): ୯୮ ପ୍ରତିଶତ ନମ୍ବର ରଖି ଇତିହାସ ରଚିଲେ ଛାତ୍ରୀ। ଜିଲ୍ଲାରେ ପ୍ରଥମ ଥର ପାଇଁ ସେ ଏହି ସଫଳତା ପାଇଛନ୍ତି। ମ୍ୟାଟ୍ରିକ୍‌ରେ ଜିଲ୍ଲା ଟପ୍ପର ପରେ ଏବେ ଯୁକ୍ତ ଦୁଇରେ ମଧ୍ୟ ଟପ୍ପର ହୋଇଛନ୍ତି। ଯୁକ୍ତ ଦୁଇ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହୋଇଥିବା ବେଳେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ବିଜ୍ଞାନରେ ୯୮ ପ୍ରତିଶତ ମାର୍କ ରଖି ଗୌରବ ଆଣିଲେ ଯୁକ୍ତ ଛାତ୍ରୀ। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କର୍ଚ୍ଚାମାଲ ଏସଏସଡି ବାଳିକା ହାଇସ୍କୁଲ ଛାତ୍ରୀ ସମୀକ୍ଷା ରାଣୀ ମାଳି ସମୀକ୍ଷା ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳ ରେ ମୋଟ ୫୮୮ ମାର୍କ ୯୮ ପ୍ରତିଶତ ରେକର୍ଡ ସୃଷ୍ଟି କରିଛନ୍ତି। ଏହି ସଫଳତା ପାଇଁ ସେ କୌଣସି କୋଚିଂ କିମ୍ବା ଟିଉସନ ନେଇ ନାହାନ୍ତି, ନିଜେ ଦେଖି ଓ ପଢି ଏହି ସଫଳତା ଲାଭ କରିଛନ୍ତି। ଏହି ସଫଳତା ପାଇଁ ସେ ପ୍ରତିଦିନ ଆଠରୁ ଦଶ ଘଣ୍ଟା ପରିଶ୍ରମ କରୁଥିଲେ। ଭବିଷ୍ୟତରେ ଡାକ୍ତର ହୋଇ ରୋଗୀଙ୍କ ସେବା କରିବାକୁ ସେ ଚାହୁଁଥିବା କହିଛନ୍ତି ସମୀକ୍ଷା। ସମୀକ୍ଷା ଙ୍କ ବାପା ତ୍ରିପତି ମାଳି ଜଣେ ଶିକ୍ଷକ ହେଇଥିବା ବେଳେ ମା ଗୃହିଣୀ ଅଟନ୍ତି। ପୂର୍ବରୁ ସମୀକ୍ଷା ଦଶମ ଶ୍ରେଣୀରେ ନବରଙ୍ଗପୁର ଜିଲ୍ଲା ଟପ୍ପର ହୋଇଥିଲେ। ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ ପ୍ରୋଗ୍ରାମରେ ଜାପାନର ସାକୁରାକୁ ଯାଇଥିଲେ। ଆଶା ଥିଲା ୯୫ ପ୍ରତିଶତରୁ ଅଧିକା ମାର୍କ ଆଣିବେ ବୋଲି। ସେ ଫଳାଫଳ ନେଇ ବହୁତ ଖୁସି ପ୍ରକାଶ କରିଛନ୍ତି।



## ରାଧାକ୍ରିଷ୍ଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

■ ସ୍ମୃତି ସାହୁ ନାରାୟଣପଟଣା କଲେଜ ଟପ୍ପର

ନାରାୟଣପାଟଣା,୨୧।୫(ସମିସ): ନାରାୟଣପାଟଣାସ୍ଥିତ ରାଧାକ୍ରିଷ୍ଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜରିଆରେ +୨ କଳା ବିଭାଗରେ ୧୧୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୫ ଜଣ ପରୀକ୍ଷାର୍ଥୀ କୃତିତ୍ୱ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧ମ ଶ୍ରେଣୀରେ ୫ ଜଣ, ୨ୟ ଶ୍ରେଣୀରେ ୩ ଜଣ ଏବଂ ୩ୟ ଶ୍ରେଣୀରେ ୮୭ ଜଣ ପାସ୍ କରିଥିବା ସହ ପାସ୍ ହାର ୮୨.୦୬ ପ୍ରତିଶତ ରହିଛି। ୧ମ ଶ୍ରେଣୀରେ ସଫଳତା ହାସଲ କରିଥିବା ୫ ଜଣଙ୍କ ମଧ୍ୟରେ ସ୍ମୃତି ସାହୁ ସର୍ବୋଚ୍ଚ ୪୧୮ ମାର୍କ ରଖିଥିବା ବେଳେ ଜିତେନ୍ଦ୍ର ମହାନନ୍ଦିଆ-୪୦୬ ମାର୍କ,ଏନ୍. ବିଭୂତିପ୍ରିୟା-୪୦୪ ମାର୍କ, ରାଣିକା କେଣ୍ଡୁକା-୩୬୯ ମାର୍କ ଏବଂ ଟି. ଅମୂଲ୍ୟା-୩୬୪ ମାର୍କ ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଥିବା ଅଧ୍ୟକ୍ଷ ସୁଧିର କୁମାର ଜେନା ସୂଚନା ଦେଇଛନ୍ତି। ଏହି ସଫଳତା ପାଇଁ ସ୍ୱ-ଅଧ୍ୟୟନ ସହ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କ ଅବିଶ୍ରାନ୍ତ ପରିଶ୍ରମ ତଥା ନିରନ୍ତର ପ୍ରେରଣାକୁ ଶ୍ରେୟ ଦେଇଛନ୍ତି ଅନୁଷ୍ଠାନର ଛାତ୍ର ଛାତ୍ରୀମାନେ। ଉକ୍ତ ଫଳାଫଳକୁ ନେଇ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଥିବା ବେଳେ ଅଭିଭାବକ ତଥା ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି।



## ଗଛରୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସେମିଳିଗଡ଼ା,୨୧।୫ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ୱିଡା ଅଫିସ ନିକଟରେ ଭାରତ ମାଳା ରୋଡ୍ ନିକଟରେ ଜଣେ ବୃଦ୍ଧ ଗଛରେ ରଶି ଲଗାଇ ଫାଶୀ ହୋଇ ଆତ୍ମହତ୍ୟା କରିଥିଲେ। ସେମିଳିଗୁଡା ଥାନା ଅଧିକାରୀନୀ ଅନିତା କୁଜୁରଙ୍କ ଠାରୁ ମିଳୁଥିବା ସୂଚନା ଅନୁଯାୟୀ ମୟୂରଭଞ୍ଜ ଅଞ୍ଚଳର ସୁନାରାମ ହାଁସଦା(୭୭) ସୁନାବେଡ଼ା ହାଲ କାରଖାନାରେ କର୍ମଚାରୀ ଭାବରେ କାର୍ଯ କରି ଅବସର ନେବା ପରେ ଦୀର୍ଘ ଦିନ ଧରି ସେମିଳିଗୁଡ଼ାରେ ରହୁଛନ୍ତି। କିଛି ଦିନ ହେବ ଦେହ ଅସୁସ୍ଥ ରହୁଥିଲା। ଗୁରୁବାର ସକାଳ ପ୍ରାୟ ୫ଟାରେ ଘର ନିକଟସ୍ଥ ସାଗୁଆନ ଗଛରେ ସୁନାରାମ ରଶି ଲଗାଇ ଫାଶୀ ହୋଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ତାଙ୍କ ନାତି ନିତ୍ୟାନନ୍ଦ ମାରଣ୍ଡି ସେମିଳିଗୁଡା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ସେଠାରେ ପହଞ୍ଚି ମୃତଦେହକୁ ପୋଷ୍ଟମର୍ଟମ ପାଇଁ କୋରାପୁଟ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜକୁ ପଠାଇଥିଲା। ସୁନାରାମର ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ହୋଇଛି ବୋଲି ଅଭିଯୋଗ ଆସିଛି। ଏହା ହତ୍ୟା ନା ଆତ୍ମହତ୍ୟା ତାହା ଜାଣିବା ପାଇଁ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଲକ୍ଷ୍ମୀପୁର, କାକିରିଗୁମା ମାଧ୍ୟମିକ ବିଦ୍ୟାଳୟର ନୈରାଶ୍ୟଜନକ ପ୍ରଦର୍ଶନ

ଲକ୍ଷ୍ମୀପୁର,୨୧।୫(ସମିସ): ପ୍ରକାଶ ପାଇଛି ଯୁକ୍ତ ଦୁଇ ପରୀକ୍ଷା ଫଳାଫଳ। ଏଥିରେ ଲକ୍ଷ୍ମୀପୁର ବ୍ଲକର ଲକ୍ଷ୍ମୀପୁର, କାକିରିଗୁମା ଓ ବୁର୍ଜା ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ବୁର୍ଜା ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସଫଳତା ହାସଲ କରିଥିବା ବେଳେ ଲକ୍ଷ୍ମୀପୁର ଓ କାକିରିଗୁମା ମାଧ୍ୟମିକ ବିଦ୍ୟାଳୟରେ ନୈରାଶ୍ୟଜନକ ହୋଇଥିବା ଦେଖିବାକୁ ମିଳିଛି। ଲକ୍ଷ୍ମୀପୁର ମାଧ୍ୟମିକ ବିଦ୍ୟାଳୟର ୧ ଶହ ୮୧ ଜଣ ଛାତ୍ର ଛାତ୍ରୀ ବିଜ୍ଞାନରେ ପରୀକ୍ଷା ଦେଇଥିଲେ। ଏଥି ମଧ୍ୟରୁ ୭୪ ଜଣ ପାସ କରିଛନ୍ତି। ପ୍ରଥମ ସ୍ଥାନରେ ମାତ୍ର ୧୩, ଦ୍ୱିତୀୟ ସ୍ଥାନରେ ୨୬ ଓ ୩୫ ଜଣ ଛାତ୍ରଛାତ୍ରୀ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଯୁକ୍ତ ଦୁଇ କଳାରେ ସମୁଦାୟ ୨ଶହ ୯୪ ଜଣ ଛାତ୍ରଛାତ୍ରୀ ଙ୍କ ମଧ୍ୟରୁ ୨ ଶହ ୪୩ ଜଣ ପାସ ହୋଇଛନ୍ତି । ଏହା ୮୨ ପ୍ରତିଶତ ଫଳାଫଳ ରହିଛି। ୩୫ ଜଣ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୭୯ ଜଣ ଦ୍ୱିତୀୟ ଓ ୧ ସହ ୨୯ ଜଣ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୫୧ ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି। ବିଜ୍ଞାନରେ ପ୍ରୀତି ରାଣୀ ଲେଙ୍କା ୪୬୨ ଓ କଳାରେ ଆଶିଷ ଗୌଡ଼ ୪୯୫ ମାର୍କ ରଖି ମାଧ୍ୟମିକ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। କାକିରିଗୁମା ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ କଳାରେ ୧୨୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୯୮ ଜଣ ପାସ ହୋଇ ୮୧ ପ୍ରତିଶତ ପିଲା ପାସ୍ କରିଛନ୍ତି। ଏଥିରେ ୧୩ ଜଣ ପ୍ରଥମ ସ୍ଥାନ କରିଥିବା ବେଳେ ୨୫ ଜଣ ଦ୍ୱିତୀୟ ସ୍ଥାନ ଓ ୬୦ ଜଣ ତୃତୀୟ ସ୍ଥାନରେ ଥିବା ଜଣା ପଡିଛି। ଏହି ପରୀକ୍ଷାରେ ୨୨ ଜଣ ପରୀକ୍ଷାର୍ଥୀ ଫେଲ ହୋଇଥିବା ବେଳେ ବିଦ୍ୟାଳୟର ପାଠପଢାକୁ ନେଇ ଅଭିଭାବକଙ୍କ ମହଲରେ ଚିନ୍ତା ପ୍ରକଟ ହୋଇଛି। ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ ବୁର୍ଜା ମାଧ୍ୟମିକ ବିଦ୍ୟାଳୟର ୯୪ ପ୍ରତିଶତ ପାସ ହାର ରହିଛି। ବୁର୍ଜା ମାଧ୍ୟମିକ ବିଦ୍ୟାଳୟରେ ୧୧୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ଥିବା ବେଳେ ୧୦୪ ଜଣ ପାସ ହୋଇ ବିଦ୍ୟାଳୟ ପାଇଁ ସବୁଠୁ ବଡ଼ ସଫଳତା ଆଣି ଦେଇଛନ୍ତି। ୪୮ ଜଣ ପ୍ରଥମ, ଦ୍ୱିତୀୟରେ ମଧ୍ୟ ୪୮ ଓ ମାତ୍ର ୮ ଜଣ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବୁର୍ଜା ମାଧ୍ୟମିକ ବିଦ୍ୟାଳୟର ଏଭଳି ଫଳ ପାଇଁ ଅଭିଭାବକ ମହଲରେ ପ୍ରଶଂସା କରଯାଇଛି।

## ମହିଳା କଂଗ୍ରେସର ମଶାଲ ଶୋଭାଯାତ୍ରା

ଜୟପୁର,୨୧।୫(ସମିସ): ମହିଳା କଂଗ୍ରେସ ଦଳ ପକ୍ଷରୁ ସାରା ଦେଶରେ ନାରୀଙ୍କୁ ସୁରକ୍ଷା ଓ ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାର ଦେବାକୁ ଦାବି କରାଯାଇ ଗତକାଲି ସଂଧ୍ୟାରେ ସାରା ଦେଶରେ ମଶାଲ ଶୋଭାଯାତ୍ରା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜୟପୁର ଠାରେ ରାଜ୍ୟ ମହିଳା କଂଗ୍ରେସର ସଭାନେତ୍ରୀ ମିନାକ୍ଷୀ ବାହନୀପତିଙ୍କ ନେତୃତ୍ୱରେ ଶତାଧିକ ମହିଳା ଏହି ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଦେଶର ମହିଳା ଶକ୍ତି ବନ୍ଧନ ଅଧିନିୟମ ୨୦୨୩କୁ ବିନା ବିଳମ୍ବରେ ତୁରନ୍ତ କାର୍ଯ୍ୟକରୀ କରିବା ଦାବି କରାଯାଇଥିଲା। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଜିଲ୍ଲା କଓଗ୍ରେସ ସଭାପତି ରୁପକ ତୁରୁକ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ନଳନୀ ରଥ, ପୌର ଅଧ୍ୟକ୍ଷ ତଥା ବରିଷ୍ଠ ସଦସ୍ୟ ନରେନ୍ଦ୍ର ମହାନ୍ତି, ଜିଲ୍ଲା ସମ୍ପାଦକ ପ୍ରଣବ କିଶୋର ନାୟକ, ବ୍ଲକ ସଭାପତି ବସନ୍ତ ନାୟକ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା କର୍ମକର୍ତ୍ତା ମାନେ ରାଜନହର ଠାରୁ ମଶାଲ ଶୋଭାଯାତ୍ରାରେ ବାହାରି ଟ୍ରାଫିକ ଛକ ନିକଟରେ ପହଞ୍ଚିବା ସହିତ ସାଧାରଣ ଲୋକଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନାରୀ ବିରୋଧି ନୀତି ବିରୋଧରେ ସଚେତନ କରିଥିଲେ। ଏହି ଅବସରରେ



ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ମଧୁସ୍ମିତା ଓରାନ, ଗାୟତ୍ରୀ ଖରା, ପ୍ରତିତୀ ଗୌଡ, ସ୍ମିତା ବେହେରା, ଧନିମା ହରିଜନ, ଶାନ୍ତି ନାୟକ, ଉଷାରାଣି ଦଣ୍ଡସେନା, ମମତା ବିଶ୍ୱାଳ, ମହିଳା କଂଗ୍ରେସ ନେତ୍ରୀ ସମୀରା ବାନୋ, ଶାନ୍ତିମଣି ବିନ୍ଧାଣୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଭିମାରିପୁଟରେ ଦେଶୀ ମଦ ଭାଟି ଉପରେ ଚଢ଼ଉ

ନନ୍ଦପୁର,୨୧।୫ (ସମିସ): ନନ୍ଦପୁର ଥାନା ଅଧୀନସ୍ଥ ବିମାରିପୁଟ ଗ୍ରାମରେ ନନ୍ଦପୁର ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଏକ ଦେଶୀ ମଦ ରନ୍ଧା ଭାଟି ଉପରେ ଅତର୍କିତ ଚଢ଼ଉ କରାଯାଇଥିଲା। ଗୁରୁବାର ସକାଳେ ପୁଲିସ୍ ଅବକାରୀ ଦଳ ପହଞ୍ଚି ଅତର୍କିତ ଦେଶୀ ମଦ ଭାଟି ଉପରେ ଚଢ଼ଉ କରି ବିପୁଳ ପରିମାଣର ପୋଚ, ରନ୍ଧା ମଦ ଓ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିବା ସହ ଅସ୍ଥାୟୀ ଭାଟିକୁ ଭାଙ୍ଗି ଦେଇଛି। ବର୍ତ୍ତମାନ ସୁଦ୍ଧା ଚଢ଼ଉ ଚାଲିଥିବା ବେଳେ ଘଟଣା ସ୍ଥଳରୁ ମଦ ମାଫିଆ ଫେରାର ଥିବା ଜଣାପଡ଼ିଛି। ଚଳିତ ମାସ ଗତ ୧୭ ତାରିଖ ରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖବର ନନ୍ଦପୁର ଥାନା ଅଧିକାରୀ ତ୍ରିନାଥ ତୋଟାପାଡିଆ ଏକ ଟିମ୍ ନେଇ ବିମାରି ପୁଟ ରମେଶ ବିଶୋଇଙ୍କ ଘର ଭିତରେ ଚାଲିଥିବା ଦେଶୀ ମଦ ଭାଟି ଉପରେ ଅତର୍କିତ ଚଢ଼ଉ କରି ୮ ଗୋଟି ୧୦୦ ଲିଟର ବିଶିଷ୍ଟ ନୀଳ ପ୍ଲାଷ୍ଟିକ ଡ୍ରମରେ ଗଚ୍ଛିତ ଥିବା ମୋଟ ୮୦୦ ଲିଟର ପୋଚ ଜବତ କରିଥିଲା। ଏହାସହ ଦୁଇଟି ପ୍ଲାଷ୍ଟିକ ଡ୍ରମରେ ରଖାଯାଇଥିବା ପ୍ରାୟ ୭୦ ଲିଟର ରନ୍ଧା ଦେଶୀ ମଦ ମଧ୍ୟ ଜବତ କରିବାର ସହ ଅଭିଯୁକ୍ତକୁ ଗିରଫ କରିଥିଲେ। ଅନୁସନ୍ଧାନ ପରେ ଭିମାରିପୁଟର ମଦ ବିମାର ପୁରା ଗାଁରେ ମାଡ଼ି ଥିବା ବେଳେ ଆଜି ଗୁରୁବାର ସକାଳୁ ଆଇଆଇସି ତ୍ରିନାଥ ତୋଟା ପାଡିଆ ସହ ଅବକାରୀ ବିଭାଗର ଆଇଆଇସି ଓ ଆଇସି ସମେତ ସଦଳବଳ ଭିମାରୀପୁଟ ଗ୍ରାମରେ ଅପରେସନ ଜାରି ରଖିଥିବା ଖବର ମିଳିଛି ।

## ଡାବୁଗାଁ ପଞ୍ଚାୟତ ସମିତ ବୈଠକ

ଡାବୁଗାଁ,୨୧।୫(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷଠାରେ ପଞ୍ଚାୟତ ସମିତି ସାଧାରଣ ବୈଠକ ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳା ପଞ୍ଚାୟତ ସରପଞ୍ଚ ରମେଶ ମାଝି ଅଭିଯୋଗ କରିଥିଲେ ଯେ ମେଦନା ସରକାରୀ ଉଚ୍ଚ ବିଦ୍ୟାଳୟରେ ୯ ମ ଶ୍ରେଣୀରେ ଅଞ୍ଚଳା ଗ୍ରାମର ପିଲା ମାନଙ୍କୁ ନାମ ଲେଖାଇବା ପାଇଁ ପ୍ରଧାନ ଶିକ୍ଷକ ଅଭିଭାବକ ମାନଙ୍କୁ ମନା କରୁଛନ୍ତି। ଅଭିଯୋଗର ତଦନ୍ତ କରିବା ବୋଲି ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଞ୍ଚଳା ପଞ୍ଚାୟତର ଦଶରୁ ଭତରା ମାର୍ଚ୍ଚ ୩ ତାରିଖରେ ଧାନ ମଣ୍ଡିରେ ଧାନ ବିକ୍ରି କରିଥିଲେ ମଧ ତାଙ୍କର ଆଜି ପର୍ଯ୍ୟନ୍ତ ଧାନର ମୂଲ୍ୟ ପାଇନାହାଁନ୍ତି। ତେଣୁ ଧାନର ମୂଲ୍ୟ ଦିଆଯାଉ ନହେଲେ ଧାନ ଫେରସ୍ତ କରାଯାଉ ବୋଲ କହିଥିଲେ। ଏହାପରେ ସମସ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟଜଳର ସମସ୍ୟା ଥିବା ନେଇ ସରପଞ୍ଚ ଓ ସମିତିସଭ୍ୟ ମାନେ ଅଭିଯୋଗ କରିଥିଲେ। ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ଜିଲା ଆଦିବାସୀ ଉନ୍ନୟନ ସଂସ୍ଥା ଓ ମୃତ୍ତିକା ସଂରକ୍ଷଣ ବିଭାଗ ଉପସ୍ଥିତ ନଥିବାରୁ ନିର୍ବାଚିତ ପ୍ରତିନିଧି ମାନେ କ୍ଷୋଭ ପ୍ରକାଶ କରିଥିଲେ। ଏନେଇ ଜିଲାପାଳଙ୍କୁ ଜଣାଇବା ପାଇଁ ବ୍ଲକ ଅଧ୍ୟକ୍ଷା ବିଡିଓଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ମନୋହର ରନ୍ଧାରୀ, ଜିଲାପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଶୋୟୀ, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ସାଂସଦଙ୍କ ପ୍ରତିନିଧି ଜେ. ରାଜଶେଖର ରାଓ, ବିଡିଓ ସମୀର ପାତ୍ର, ସିଡିପିଓ ମିନତୀ ଦାଶ, ଅତିରିକ୍ତ ତହସିଲଦାର ପ୍ରତାପ ଚନ୍ଦ୍ର ପୂଜାରୀ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ସୁଭାଶିଷ ସାହୁ, ଯୋଗାଣ ନିରୀକ୍ଷକ ସିପ୍ରା ସାମଲ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଶ୍ରୀନିଗୋ ମୁର୍ମୁ, ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ଧଳ, ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା, ଭାରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ରାଜେଶ କୁମାର ଦାଶ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ମାଝି ଓ ସନ୍ତୋଷ କୁମାର ସାହୁ, ଜଟାବାଲ ବନପାଳ ଅନିତ କୁମାର ଦାଶ, ବନାଞ୍ଚଳ ଅଧିକାରୀ (କେନ୍ଦୁପତ୍ର) ସନ୍ତୋଷ କୁମାର ସୁନାନୀ, ଟିପିଏସଓଡିଏଲ ଆରପିଓ ସୂର୍ଯ୍ୟକାନ୍ତ ପାଢୀ, ଜଳ ଓ ପରିମଳ କନିଷ୍ଠଯନ୍ତ୍ରୀ ରୋହିତ କିଶାନ, ଅଗ୍ନିଶମ ମୁଖ୍ୟ ଅଗ୍ନିଯୋଦ୍ଧା ଲକ୍ଷ୍ମୀଧର ଜାନୀ ଓ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ ପରିଚାଳନା କରିଥିଲେ।

## ଡ୍ରାଇଭର ମହାସଂଘ ନିର୍ବାଚନ; ଈଶ୍ୱର ପ୍ରଧାନ ସଭାପତି

ମାଥିଲି,୨୧।୫ (ସମିସ): ରାଜ୍ୟ ଡ୍ରାଇଭର ମହାସଂଘ ପକ୍ଷରୁ ରାଜ୍ୟର ୩୦ ଜିଲ୍ଲାସ୍ତରୀୟ ସହିତ ବ୍ଲକ ଓ ପଞ୍ଚାୟତ ସ୍ତରୀୟ ମହାସଂଘ ଗଠନ କରାଯାଇଛି। ଫଳରେ ଡ୍ରାଇଭରଙ୍କ ସମସ୍ୟା ଜାଣିବା ପରେ ତାଙ୍କ ନିକଟରେ ମହାସଂଘର କର୍ମକର୍ତ୍ତା ମାନେ ତୁରନ୍ତ ପହଞ୍ଚି ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ରାଜ୍ୟ ଡ୍ରାଇଭର ସାମ୍ବିଧାନିକ ନିୟମ ଅନୁଯାୟୀ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ନୂତନ ସଭାପତି ଚୟନ ପାଇଁ ଦଳପତି ଗୁଡା ପଞ୍ଚାୟତ ବାବନଗୁଡା ଆମ୍ବ ବଗିଚା ଠାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱତନ୍ତ୍ର ବୈଠକରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଡ୍ରାଇଭର ମହାସଂଘର ସହ ସମ୍ପାଦକ ତଥା ମାଲକାନଗିରି ଜିଲ୍ଲା ସଭାପତି ଚିତ୍ରସେନ ବେହେରା ଓ ଜିଲ୍ଲା ସହ ସମ୍ପାଦକ ଛତ୍ର ଗୁରୁ ଯୋଗ ଦେଇଥିଲେ। ମାଥିଲି ବ୍ଲକର ୨୦ଟି ପଞ୍ଚାୟତର ଡ୍ରାଇଭର ମହାସଂଘର ସଭାପତି ଓ ସଦସ୍ୟ ମାନଙ୍କ ସର୍ବ ସହମତି କ୍ରମେ ନୂତନ ଭାବେ ବ୍ଲକ ସଭାପତି ଈଶ୍ୱର ପ୍ରଧାନଙ୍କୁ ଚୟନ କରିଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୂର୍ବରୁ ମାଥିଲି ଡ୍ରାଇଭର



ମହାସଂଘର ଉପ ସଭାପତି ଗୁରୁ ଚରଣ ଭୂମିଆ,ସମ୍ପାଦକ ରମେଶ ବିଶ୍ୱାଳ,କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମଣ୍ଡଳଙ୍କୁ ନିଜ ନିଜ ପଦବୀରେ କାଏମ ରଖାଯାଇଛି। ପୂର୍ବତନ ସଭାପତି କେ.ଶିବ ପ୍ରସାଦ ରାଓ ସବୁ ସମସ୍ୟା ସମାଧାନ କରିବାକୁ ଉଦ୍ୟମ କରିବେ ବୋଲି ନୂତନ ସଭାପତି ଈଶ୍ୱର ପ୍ରଧାନ କହିଛନ୍ତି।

## ବିଜେପି ନେତାଙ୍କ ଗାଡ଼ିରୁ ଟଙ୍କା ଚୋରି

ଲକ୍ଷ୍ମୀପୁର, ୨୧।୫(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ସଦର ମହକୁମାରେ ଗୁରୁବାର ଦିନ ଦିପହରେ ରାଜରାସ୍ତା ଉପରେ ରଖାଯାଇଥିବା ବୋଲେର ଗାଡ଼ିରୁ ଦେଢ଼ ଲକ୍ଷ ଟଙ୍କା ଚୋରି ହୋଇଥିବା ଏକ ଲିଖିତ ଅଭିଯୋଗ ଲକ୍ଷ୍ମୀପୁର ଥାନାରେ ଜଣେ ବିଜେପି ନେତା କରିଛନ୍ତି। ସେ ଆଇବି ନିକଟରେ ଥିବା ଏକ ଜଳଖିଆ ଦୋକାନରେ ନିଜ ଗାଡ଼ିକୁ ରାସ୍ତା ସାଇଡ୍‌ରେ ରଖି ସେ ଜଳଖିଆ ଖାଉଥିଲେ। ବୋଲେର ଗାଡ଼ିର କବାଟ କାଚ ସବୁ ଖୋଲାଥିଲା ଏବଂ ଗାଡ଼ି ଭିତରେ ଥିବା ଡ୍ର ଭିତରେ ଦେଢ଼ ଲକ୍ଷ ଟଙ୍କା ରଖିଥିଲେ। ଜଳଖିଆ ଖାଇ ବ୍ୟକ୍ତି ଜଣକ ଗାଡ଼ିରେ ଆସି ଦେଖିଲା ବେଳକୁ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଅଭିଯୋଗ ପାଇ ପୁଲିସ ସଙ୍ଗେ ସଙ୍ଗେ ଆସି ତଦନ୍ତ ଆରମ୍ଭ କରିଛି ସୂଚନା ଥାଉ କି ୬ଦିନ ତଳେ ଦୁଇଟି ଘର ବାରଣ୍ଡାରେ ଥିବା ମୋଟରସାଇକେଲ ଚୋରି କରି ଥିଲେ।

## ଆନ୍ତଃ ଜିଲ୍ଲା ପେନ୍‌ସନ୍ ଅଦାଲତ ଉଦ୍‌ଘାଟିତ

କୋରାପୁଟ,୨୧।୫(ସମିସ): ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବକେୟା ପେନସନ ଓ ଭବିଷ୍ୟନିଧି ସମସ୍ୟାର ତ୍ୱରିତ ସମାଧାନ ପାଇଁ ଗୁରୁବାର କୋରାପୁଟ ଜିଲ୍ଲା ସଦର ମହକୁମାରେ ପେନସନ ଅଦାଲତ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ଆୟୋଜିତ ପେନସନ ଅଦାଲତରେ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାର ଅବସରପ୍ରାପ୍ତ କର୍ମଚାରୀଙ୍କ ଶୁଣାଣି କରାଯାଉଛି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଜିଲ୍ଲା ପ୍ରଶାସନ ଓ ପ୍ରଧାନ ମହାଲେଖାକାର (ଏଜି) ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଅଦାଲତରେ ପ୍ରଥମ ଦିନରେ ୬୯୨ଟି ପେନସନ ଓ ଭବିଷ୍ୟନିଧି ସମ୍ବନ୍ଧୀୟ ଅଭିଯୋଗ ଏବଂ ୧୨୧ଟି ଅବସରପ୍ରାପ୍ତ ଶିକ୍ଷକ-କର୍ମଚାରୀଙ୍କ



ଅବସରକାଳୀନ ବକେୟା ପ୍ରାପ୍ୟ ଅଭିଯୋଗର ଶୁଣାଣି କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ୧୯ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ମଞ୍ଜୁର ଆଦେଶ ପତ୍ର ପ୍ରଦାନ କରିଥିଲେ। ସେ ତିନୋଟି ଜିଲ୍ଲାର ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ତୁରନ୍ତ ସମାଧାନ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପେନସନ ଓ ଭବିଷ୍ୟନିଧି ଉପ ମହାଲେଖାକାର ଶୁଭମ ବୈଜ୍ୟନାଥ ସ୍ୱାମୀ କହିଛନ୍ତି, ଅବସର ନେବାକୁ ଥିବା କର୍ମଚାରୀଙ୍କ ଆବେଦନପତ୍ର ଅବସର ପୂର୍ବରୁ ଏଜି କାର୍ଯ୍ୟାଳୟକୁ ପଠାଇଲେ ଅବସର ଦିନ ହିଁ ପେନସନ, ଗ୍ରାଚୁଇଟି ଓ ଭବିଷ୍ୟନିଧି ପ୍ରଦାନ ସମ୍ଭବ ହେବ। "ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରା କହିଛନ୍ତି, ଉପାନ୍ତ ଜିଲ୍ଲାଗୁଡ଼ିକର ପେନସନ ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ କେଦାର ସିଂହ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଯୁଗ୍ମ ସଚିବ ଅସିତ କୁମାର ପାଣି, ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ବରିଷ୍ଠ ଲେଖା ଅଧିକାରୀ ଶରତ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଜି କାର୍ଯ୍ୟାଳୟ ପକ୍ଷରୁ ପିପିଟି ମାଧ୍ୟମରେ ପେନ୍‌ସନ ଅଟକିବାର କାରଣ ଓ ସମାଧାନ ଉପରେ ଆଲୋଚନା କରାଯାଇଥିଲା। ଶୁକ୍ରବାର ତିନୋଟି ଜିଲ୍ଲାର ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କ ପାଇଁ ପେନସନ ଅଦାଲତ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଲେଖା ଅଧିକାରୀ ଅଭିଜିତ କୁମାର, ସହକାରୀ ଲେଖା ଅଧିକାରୀ ରବି କୁମାର, ଓମ ପ୍ରକାଶ, ପ୍ରଦୀପ କୁମାର, ରୋହିତ କୁମାର, ମୋହନ କୁମାର,ସଞ୍ଜୟ କୁମାର, ପୁରୁଷୋତ୍ତମ ବଳ, ରଣବୀର କୁମାର ଓ ଜିଲ୍ଲା ପ୍ରଶାସନର ପିଣ୍ଟୁ ସାହୁ ପରିଚାଳନା କରିଥିଲେ।

## ସାର ଗାଡ଼ି ଦୁର୍ଘଟଣାଗ୍ରସ୍ତ; ଚାଳକ ମୃତ

ରାଇଘର,୨୧।୫(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଜୟପୁରରୁ ଆସୁଥିବା ଏକ ସାର ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛକୁ ପିଟି ହେବା ଫଳରେ ଘଟଣାସ୍ଥଳରେ ହିଁ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ଜଣକ ଜୟପୁର କେନ୍ଦୁଗୁଡା ଗ୍ରାମର ଏସ ସୁରେଶ କୁମାର (୩୫) ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ ଆଜି ସକାଳ ପ୍ରାୟ ୭ଟା ସମୟରେ ଜୟପୁରରୁ ଏକ ସାର ବୋଝେଇ ଟ୍ରକ୍ (ଗାଡ଼ି ନମ୍ବର ସିଜି ୧୮ କେ ୪୫୮୬) ରାଇଘର ଲ୍ୟାମ୍ପସ ଅଭିମୁଖେ ଆସୁଥିଲା। ରାଇଘର କୋଟପାରା ଠାରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛରେ ପିଟି ହୋଇଯାଇଥିଲା। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଟ୍ରକ୍‌ଟି ଗଛକୁ ପିଟି ଓଲଟି ପଡିଯାଇଥିଲା। ଡ୍ରାଇଭର କାନ୍ତ ଟ୍ରକ୍ ଭିତରେ ଚାପି ହୋଇ ରହିଯିବା ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ରାଇଘର ପୁଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରଖିବା ସହିତ ତଦନ୍ତ କରିଛନ୍ତି ।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in

ଆପ୍ରେଣ୍ଟିସେଶିପ୍ ଆକ୍ଟ 1961 ଅନୁଯାୟୀ ଏସ୍‌ବିଆଇରେ ଆପ୍ରେଣ୍ଟିସେସ୍ ନିଯୁକ୍ତି
(ବିଜ୍ଞାପନ ନଂ. CRPD/APPR/2026-27/07)

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଆପ୍ରେଣ୍ଟିସେସ୍ ନିଯୁକ୍ତି ପାଇଁ ଭାରତୀୟ ନାଗରିକଙ୍କ ଠାରୁ ଆବେଦନ ଗ୍ରହଣ କରାଯାଉଛି ।

ଆପ୍ରେଣ୍ଟିସେସ୍ ସଂଖ୍ୟା: 7150
ପ୍ରଶିକ୍ଷଣ ଅବଧି: ଗୋଟିଏ ବର୍ଷ

*(ଯନ୍: ଏହା ଶିକ୍ଷାନବିସ ଆଇନ 1961 ଅନୁଯାୟୀ ଏକ ତାଲିମ ସୁଯୋଗ ଏବଂ ନିଯୁକ୍ତିର ପ୍ରସ୍ତାବ ନୁହେଁଛ)*

ଯୋଗ୍ୟତା ମାନଦଣ୍ଡ (ବୟସ, ଶିକ୍ଷାଗତ ଯୋଗ୍ୟତା, ଦେୟ ଇତ୍ୟାଦି) ଏବଂ ଅନ୍ୟାନ୍ୟ ବିବରଣୀ ବିଜ୍ଞାପନ ନଂ. CRPD/APPR/2026-27/07 ଅଧୀନରେ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings କିମ୍ବା https://apprenticeshipindia.org କିମ୍ବା https://nsdcindia.org/apprenticeship କିମ୍ବା http://bfsissc.com ରେ ଅନଲାଇନ୍ ଆବେଦନ ଦାଖଲ ପାଇଁ ଏକ ଲିଙ୍କ୍ ସହିତ ଉପଲବ୍ଧ ଅଟେ ।

ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

• **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 19.05.2026 ରୁ 08.06.2026**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ URL-https://sbi.bank.in/careers/post-your-query

ସ୍ଥାନ: ମୁମ୍ବାଇ
ତାରିଖ: 19.05.2026

ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

## ରାସ୍ତାରୁ ହଟୁନି ଗଛ, ବଢୁଛି ଦୁର୍ଘଟଣା

# ଗଲାଣି ୭ ଜୀବନ, ରାସ୍ତାରେ କଂଗ୍ରେସର ଧାରଣା

ତେନ୍ତୁଳିଖୁଣ୍ଟି ୨୧।୫(ସମିସ)

ନବରଙ୍ଗପୁର ସହର ଉପକଣ୍ଠ ମାଝୀଗୁଡା ଠାରୁ ଇନ୍ଦ୍ରାବତୀ ପ୍ରକଳ୍ପ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଦୁଇଟି ପର୍ଯ୍ୟାୟ ରେ ଜାରିରହିଛି। ହେଲେ ଦୁଃଖର ବିଷୟ ରାସ୍ତା କାର୍ଯ୍ୟ ସରିବାକୁ ବସିଥିବା ବେଳେ ଅଦ୍ୟାବଧି ରାସ୍ତାରୁ ଗଛ ହଟିପାରୁନି । ସରକାରୀ କାର୍ଯ୍ୟରେ ପ୍ରଶାସନିକ ଅବହେଳା ହେତୁ ଗଛ ହଟିପାରୁନି। ଫଳରେ ଗୋଟିଏ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି । ଅନ୍ୟ ସ୍ଥାନ ଯେଉଁଠାରେ ରାସ୍ତା ଉପରେ ବୃକ୍ଷ ରହିଛି ସେହି ସ୍ଥାନ ଗୁଡିକରେ ଦୁର୍ଘଟଣା ଆଶଙ୍କା ରହିଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଉଛି। ଦୁର୍ଘଟଣା ଘଟି ଚାଲିଯାଉଛି ଅନେକ ଲୋକଙ୍କ ଜୀବନ। ବୃକ୍ଷ ନ ହଟିବା ହେତୁ ଦୁର୍ଘଟଣା ଘଟି ଇତିମଧ୍ୟରେ ୭ ଜଣଙ୍କ ଜୀବନ ଯାଇଛି । ତଥାପି ସରକାର କିମ୍ବା ପ୍ରଶାସନର ନିଦ ଭାଙ୍ଗୁନି । ଯାହାକୁ ନେଇ ଆଜି ଯୁବନେତା ଅଖିଳ ଭତରାଙ୍କ ନେତୃତ୍ୱରେ ତେନ୍ତୁଳିଖୁଣ୍ଟି -ନବରଙ୍ଗପୁର ରାସ୍ତାର ନୂଆଁ ପୂଜାରୀଗୁଡା ଠାରେ ରାସ୍ତା ଅବରୋଧ



କରି କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଥିଲା। ଏହି ଧାରଣାରେ ନବରଙ୍ଗପୁର ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ତେନ୍ତୁଳିଖୁଣ୍ଟି ବ୍ଲକ୍ ସଭାପତି ପ୍ରହଲ୍ଲାଦ ହିଆଲ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ, ଅବଦୁଲ ଫିରୋଜ, ଡାଳବନ୍ଧୁ ମାଝୀ, ହେମନ୍ତ ମାଝୀ ପ୍ରମୁଖ ସାମିଲ ରହି ସକାଳ ୯ ଘଟିକା ଠାରୁ ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ। ରାସ୍ତାରୁ ଗଛ ହଟୁନଥିବା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ରାସ୍ତା ପ୍ରଶସ୍ତକରଣ କାର୍ଯ୍ୟ ଆରମ୍ଭ ହେବା ପରଠୁ ରେଡ ଜୋନ ବୋଲାଉଥିବା କୁର୍ଲୁଘାଟି ନିକଟରେ ଦୁର୍ଘଟଣା ଘଟି ୭ ଜଣଙ୍କ ଜୀବନ ଚାଲିଯାଇଛି। ଏମିତି କି ଗତକାଲି ରାତ୍ରରେ ମଧ୍ୟ ରେଡଜୋନ୍‌ରେ ବାଇକ ଦୁର୍ଘଟଣାରେ ଜଣଙ୍କ ଜୀବନ ଦୀପ ଲିଭିଯାଇଛି। ଯାହାକୁ ନେଇ ଆଜି ସକାଳ ୯ ଘଟିକା ଠାରୁ କଂଗ୍ରେସ ରାସ୍ତା ଅବରୋଧ କରି ମୃତ ପରିବାର ଙ୍କୁ କ୍ଷତିପୂରଣ ଓ ରାସ୍ତାରୁ ଗଛ ହଟେଇ ସୁନ୍ଦର ରାସ୍ତା ନିର୍ମାଣ ଦାବିରେ ଧାରଣା ଦେଇଥିଲା। ନବରଙ୍ଗପୁର ତହସିଲଦାର ତଥା ମାଜିଷ୍ଟ୍ରେଟ ଭଳେଶ୍ୱର ନାୟକ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଧବଳେଶ୍ୱର ମାଝୀ, ନବରଙ୍ଗପୁର ଥାନା ଅଧିକାରୀ ସସ୍ମିତ କୁମାର ବେହେରା, ତଥା ଅନ୍ୟାନ୍ୟ ସରକାରୀ କର୍ମଚାରୀ ଘଟଣା ସ୍ଥଳରେ ପହଂଚିଥିଲେ। ଏହାପରେ ରେଡ୍‌କ୍ରସ ପକ୍ଷରୁ ସମସ୍ତ ମୃତ ପରିବାର ଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଥିଲା। ଏମିତି କି ଗତକାଲି ରାତ୍ର ୧୦ ଘଟିକା ସମୟ ରେଡ ଜୋନ ରେ ବାଇକ ଦୁର୍ଘଟଣା ରେ ପ୍ରାଣ ହରେଇଥିବା ପାପଡାହାଣ୍ଡି ବ୍ଲକ ନୁଆଁକୋଟ ଗ୍ରାମର କୃଷ୍ଣ ଗୌଡ଼ (୨୮) ଙ୍କ ପରିବାରକୁ ପୂର୍ତ୍ତ ବିଭାଗ ପକ୍ଷରୁ ୫୦ ହଜାର ଟଙ୍କା କ୍ଷତିପୂରଣ ଆର୍ଥିକ ରାଶି ପ୍ରଦାନ କରାଯାଇଛି। ଏହାପରେ ରାସ୍ତାରୁ ଗଛ ହଟେଇବା କାର୍ଯ୍ୟ ଆରମ୍ଭ ହେବା ପରେ ଦିନ ୧ ଘଟିକା ସମୟରେ ରାସ୍ତା ଅବରୋଧ ହଟିଥିଲା।

## ସାଲିମି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ମାଥିଲି,୨୧।୫ (ସମିସ): ସାଲିମି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୂର୍ବ ବର୍ଷର ରେକର୍ଡ ଭାଙ୍ଗି ୯୬ ପ୍ରତିଶତ ପାସ ହାର ରଖି ତତ୍କାଳୀନ ସରକାରଙ୍କ ଆଶା ଆକାଂକ୍ଷା ପୂରଣ କରିଛି ବିଦ୍ୟାଳୟ। ବିଦ୍ୟାଳୟ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ +୨ କଳାରେ ପରୀକ୍ଷା ଦେବା ପାଇଁ ୯୬ଜଣ ଫର୍ମ ପୂରଣ କରିଥିବା ବେଳେ ପରୀକ୍ଷା ସମୟରେ ଦୁଇ ଜଣ କୌଣସି ବ୍ୟକ୍ତିଗତ କାରଣରୁ ପରୀକ୍ଷା ଦେଇ ପାରି ନଥିଲେ। ବିଦ୍ୟାଳୟର ମୋଟ ୯୪ ଜଣ ପରୀକ୍ଷା ଦେଇ ୯୬ ପ୍ରତିଶତ ପାସ ହାର ରଖି ବିଦ୍ୟାଳୟ ପାଇଁ ଆଣିଛନ୍ତି ଗୌରବ। ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୯ ଜଣ ଓ ତୃତୀୟ ଶ୍ରେଣୀରେ ୭୦ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଦ୍ୟାଳୟର ଛାତ୍ର ପଦ୍ମ ସୋଡି ୪୪୧ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ ମଧୁସ୍ମିତା ଗୁଡ଼ିଆ ୩୮୪ ନମ୍ବର ଦ୍ୱିତୀୟ ଓ ସୁମିତ୍ରା ବନାପାର ୩୭୨ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଛାତ୍ରଛାତ୍ରୀ ମାନଙ୍କ ପରିଶ୍ରମ ପାଇଁ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କ ଚେଷ୍ଟା ଫଳରେ ବିଦ୍ୟାଳୟ ଆଜି ଏପରି ସଫଳତା ପାଇଛି ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଅଧ୍ୟାପକଙ୍କ ଚାକିରି ନେଇ ତଦନ୍ତ ଦାବି କଲା ରାଷ୍ଟ୍ରୀୟ ବିକାଶ ସେନା

ମାଥିଲି,୨୧।୫ (ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ ଶିଶିର କୁମାର ବେହେରାଙ୍କ ଚାକିରି ଉପରେ ପୁଣି ଥରେ ପ୍ରଶ୍ନ ଉଠାଇଛି ରାଷ୍ଟ୍ରୀୟ ବିକାଶ ସେନା। ଆଜି ମାଥିଲି ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ ବିକାଶ ସେନାର ରାଜ୍ୟ ସଭାପତି କେ.ବାଲାରାଜୁ ଆଚାରୀ କହିଛନ୍ତି ଯେ, ମାଲକାନଗିର ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଲୋକଙ୍କ ସରଳତାର ସୁଯୋଗ ନେଇ ବାହାର ଜିଲ୍ଲାର କିଛି ଲୋକ ଆସି ଜିଲ୍ଲାରେ ବିଭିନ୍ନ ପ୍ରକାର ଜାଲିଆତି କରି ଚାକିରି ହଡେଇଛନ୍ତି ବୋଲି କହିଛନ୍ତି। ସେଥିମଧ୍ୟରୁ ଜଣେ ହେଉଛନ୍ତି ଗୋବିନ୍ଦପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ ଶିଶିର କୁମାର ବେହେରା। ୧୯୯୯ ମସିହାରୁ ଗୋବିନ୍ଦପାଲ୍ଲୀ +୨ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା କଥା କହୁଛନ୍ତି। ଏବଂ ତାଙ୍କ କଥାକୁ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ତ୍ତୃପକ୍ଷ ମଧ୍ୟ ସମର୍ଥନ କରୁଛନ୍ତି। କିନ୍ତୁ ରାଷ୍ଟ୍ରିୟ ବିକାଶ ସେନା ତରଫରୁ କୁହା ଯାଉଛି ଯେ, ୨୦୦୬ମସିହାର ଏକ ସରକାରୀ ଦସ୍ତାବିଜ ଅନୁଯାୟୀ ଶିଶିର କୁମାର ବେହେରାଙ୍କ



ନାମ ଗୋବିନ୍ଦପାଲ୍ଲୀ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟାପକ ଭାବରେ ନାହିଁ। ସେ ସମୟରେ ଉକ୍ତ ବିଦ୍ୟାଳୟର କେୟାର ଟେକର ଦାୟିତ୍ୱରେ ଥିବା ବିକ୍ରମ ଦେବ୍ କଲେଜର ପ୍ରିନ୍ସିପାଲ ଶ୍ରୀ ନୟନ୍ କିଶୋର ମହାନ୍ତି କର୍ମଚାରି ମାନଙ୍କର ଦରମା ବାବଦକୁ ତା ୨୨-୩-୨୦୦୬ ରିଖ ଦିନ ପ୍ରୋପୋଜାଲ ନୋ -୬୩ ପ୍ରକାରେ ଏକ ଚିଠି କରିଥିଲେ। ଯେଉଁ ଚିଠିରେ ଶିଶିର କୁମାର ବେହେରାଙ୍କ ନାମ ନଥିବା ସଂଘର ସଭାପତି କେ ବାଲାରାଜୁ ଆଚାରୀ ପ୍ରକାଶ କରିଛନ୍ତି। ଠିକ୍ ସେହିପରି ମାଥିଲି ସ୍ଥିତ ଉତ୍କଳ ମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାବେରୀ ପରିଡ଼ା ନାମକ ଜଣେ ଅଧ୍ୟାପିକା କାର୍ଯ୍ୟରତ ଅଛନ୍ତି। ଯେ କି ପୂର୍ବରୁ କେନ୍ଦ୍ରାପଡ଼ା ଇଭିନିଙ୍ଗ କଲେଜ୍‌ରେ କାର୍ଯ୍ୟରତ ଥାଇ ସେଠୁ ଦରମା ନେଇଥିବା ବେଳେ ମାଥିଲି ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ମଧ୍ୟ ଦରମା ନେଇଥିବା ସୂଚନା ଅଧିକାର ଆଇନ୍‌ରୁ ମିଳୁଥିବା ତଥ୍ୟ ପ୍ରକାଶ କରୁଛି ବୋଲି ଶ୍ରୀ ଆଚାରୀ ଅଭିଯୋଗ କରିଛନ୍ତି। ଏ ସବୁ ବିଷୟରେ ନିରପେକ୍ଷ ତଦନ୍ତ ପାଇଁ ରାଷ୍ଟ୍ରୀୟ ବିକାଶ ସେନାର ରାଜ୍ୟ ସଭାପତି ଶ୍ରୀ ଆଚାରୀ ଦାବି କରିଛନ୍ତି।

### ବ୍ରାଜିଲ୍ ମଡେଲରେ ସୋଲାରଚାଳିତ ପଠନ କେନ୍ଦ୍ର

## ବ୍ଲକ ପ୍ରଶାସନକୁ ପଞ୍ଚାୟତିରାଜ ସଚିବଙ୍କ ପ୍ରଶଂସା

ରାମନାଗୁଡ଼ା,୨୧।୫(ସମିସ): ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ଓ ପରିବେଶ ସୁରକ୍ଷାକୁ ନେଇ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ ଜିଲ୍ଲା ରାମନାଗୁଡା ବ୍ଲକରେ ଅନ୍ତର୍ଜାତୀୟ ସ୍ତରର ଅଭିନବ ପ୍ରୟାସ ଦେଖିବାକୁ ମିଳିଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର କ୍ଷେମୁଣ୍ଡୁଙ୍କ ପ୍ରତ୍ୟକ୍ଷ





ମାର୍ଗଦର୍ଶନ ଓ ରାମନାଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ ଓ ପୁରା ଟିମ୍‌ଙ୍କ ପ୍ରଚେଷ୍ଟା ଏବଂ ମାର୍ଗଦର୍ଶନରେ ପେଣକମ ପଞ୍ଚାୟତଠାରେ ଏକ ସଂପୂର୍ଣ୍ଣ ସୌରଶକ୍ତି ଚାଳିତ ଅଭିନବ ପାଠାଗାର ବା ପଠନ କେନ୍ଦ୍ର ଲୋକାର୍ପିତ ହୋଇଯାଇଛି। ଆଶ୍ଚର୍ଯ୍ୟର କଥା ହେଉଛି, ସୁଦୂର ବ୍ରାଜିଲ ଦେଶରେ ଦେଖିବାକୁ ମିଳୁଥିବା ଆଧୁନିକ ଗ୍ରାମୀଣ ପାଠାଗାର ଶୈଳୀରେ ଏହି କେନ୍ଦ୍ରକୁ ନିର୍ମାଣ କରାଯାଇଛି। ପଞ୍ଚାୟତ ସ୍ତରରେ ଏଭଳି ଏକ ଅତ୍ୟାଧୁନିକ ଓ ପ୍ରେରଣାଦାୟୀ ପ୍ରୟାସକୁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ସଚିବ ଭୂୟସୀ ପ୍ରଶଂସା କରିଛନ୍ତି। ଏହି ପଠନ କେନ୍ଦ୍ରର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହା ସଂପୂର୍ଣ୍ଣ ଭାବେ ସୌରଶକ୍ତି ଦ୍ୱାରା ପରିଚାଳିତ। ବିଦ୍ୟୁତ କାଟ୍ ସମୟରେ ମଧ୍ୟ ଏଠାରେ ଆଲୋକର କୌଣସି ସମସ୍ୟା ହେବ ନାହିଁ। ପରିବେଶ ସୁରକ୍ଷାକୁ ଆଖିରେ ରଖି ଏହି ସବୁଜ ଶକ୍ତିର ବ୍ୟବହାର କରାଯାଇଛି, ଯାହା ଗ୍ରାମାଞ୍ଚଳରେ ଏକ ନୂଆ ଉଦାହରଣ ସୃଷ୍ଟି କରିଛି।ବ୍ରାଜିଲର ବିଭିନ୍ନ ପ୍ରଗତିଶୀଳ ଗ୍ରାମାଞ୍ଚଳରେ ଯେଉଁଭଳି ମୁକ୍ତ ଏବଂ ଆକର୍ଷଣୀୟ ପରିବେଶରେ ଗୋଷ୍ଠୀଗତ ଅଧ୍ୟୟନ କେନ୍ଦ୍ରମାନ ଥାଏ, ଠିକ୍ ସେହି ଢାଞ୍ଚାରେ ଏହାକୁ ପ୍ରସ୍ତୁତ କରାଯାଇଛି। କାନ୍ଥଗୁଡ଼ିକରେ ସୁନ୍ଦର ଚିତ୍ରକଳା ସହ କାଚ ଘେରା ଆଧୁନିକ ପୁସ୍ତକ ସେଲ୍ଫ ଏହାକୁ ଏକ ଆନ୍ତର୍ଜାତୀୟ ରୂପ ଦେଉଛି। ସ୍ଥାନୀୟ ଯୁବପିଢ଼ି ଓ ଛାତ୍ରଛାତ୍ରୀମାନେ ରାତି ସମୟରେ ମଧ୍ୟ ବେଶ୍ ଉତ୍ସାହର ସହ ଏଠାରେ ବସି ପାଠ ପଢୁଥିବା ଦେଖିବାକୁ ମିଳୁଛି। ସେମାନଙ୍କ ପାଇଁ ବିଭିନ୍ନ

## ନିଖୋଜ ବୃଦ୍ଧଙ୍କ ଶବ ଉଦ୍ଧାର

ପଡିଆ,୨୧।୫(ସମିସ): ଗତକାଲି ଅପରାହ୍ନରେ ଗାଧୋଇବାକୁ ଯାଇ ନିଖୋଜ ଥିବା ବୃଦ୍ଧଙ୍କୁ ଆଜି ପଡିଆ ଅଗ୍ନିଶ୍ରମ ବିଭାଗ ପକ୍ଷରୁ ଉଦ୍ଧାର କରା ଯାଇଛି । ମୃତକ ଜଣଙ୍କ ହେଲେ ପଦିଆ ମାଡି (୬୦)। ଘଟଣାଟି ଘଟିଛି ପଡିଆ ଥାନା ମାଟେରୁ ପଞ୍ଚାୟତ ଅନ୍ତର୍ଗତ ବାଟନ ୱାଡା ଗ୍ରାମରେ। ଗତକାଲି ସଂଧ୍ୟାରେ ଗ୍ରାମର ପୋଖରୀକୁ ପଦିଆ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ ଆଜି ଥାନାରେ ଅଭିଯୋଗ ସହ ଅଗ୍ନିଶମ ବିଭାଗକୁ ଜଣାଇ ଥିଲେ। ଅଗ୍ନିଶମ ଅଧିକାରୀ ବୀରେନ୍ଦ୍ର ସିଂ ଏବଂ ତାଙ୍କର ଏକ ଟିମ୍ ଓ ପଡିଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଖୋଜା ଖୋଜି ପରେ ପଦିଆଙ୍କ ମୃତ ଶରୀର ଉଦ୍ଧାର କରିଥିଲେ। ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବକୁ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ଏସ୍‌ବିଆଇ ପକ୍ଷରୁ ମତ୍ୟୁଜନିତ ବୀମା ରାଶି ପ୍ରଦାନ

ମାଲକାନଗିରି,୨୧।୫(ସମିସ): ମାଲକାନଗିରି ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ତରଫରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଷ୍ଟେଟ ବ୍ୟାଙ୍କ ମାଲକାନଗିରି ମୁଖ୍ୟ ଶାଖା ତରଫରୁ ମୃତ୍ୟୁଜନିତ ବୀମା ରାଶି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଯୋଗ ଦେଇ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ପୁଲିସ ସାଲାରୀ ପ୍ୟାକେଜ କରିଥିବା ୫ଜଣ ପୁଲିସ କର୍ମଚାରୀଙ୍କ ବିଭିନ୍ନ କାରଣ ଜନିତ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରତେକ ହିତାଧିକାରୀଙ୍କୁ ଚେକ ଆକାରରେ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଷ୍ଟେଟ ବ୍ୟାଙ୍କର ଜୟପୁର ଆଞ୍ଚଳିକ ପରିଚାଳକ ପ୍ରକାଶ ଗ୍ରହାଚାର୍ଯ୍ୟ ଯୋଗଦାନ କରି ମାଲକାନଗିରି ଶାଖାର ଏହିଭଳି ଜନହିତକାରୀ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିରେ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଡିଏସପି ଅନାମ ଲାକ୍ରା, ମାଲକାନଗିରି ବ୍ରାଞ୍ଚ ମୁଖ୍ୟ ପରିଚାଳକ ବିନୋଦ କୁମାର ବିଶୋଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।





କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ମାଲକାନଗିରି ମହା ବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ଡ.ରଞ୍ଜନ କୁମାର ସ୍ୱାଇଁ, ଉପ ଶାଖା ପରିଚାଳକ ଅଜିତ କୁମାର ଆଚାର୍ଯ୍ୟ, କ୍ଷେତ୍ର ଅଧିକାରୀ ସୌମ୍ୟରଂଜନ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ସାହାଯ୍ୟ କରିଥିଲେ। ସେହିପରି ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ମୃତ୍ୟୁଜନିତ ସହାୟତା ରାଶି ଆକାରରେ ୨ ଲକ୍ଷ ଟଙ୍କା ଲେଖାଏଁ ୩ ଜଣ ହିତାଧିକାରୀଙ୍କ ପରିବାରକୁ ପ୍ରଦାନ କରାଯାଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କରେ ପୁଲିସ ସାଲାରୀ ପ୍ୟାକେଜରେ ଖାତା ଥିଲେ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୧ କୋଟି ୧୦ ଲକ୍ଷ ଏବଂ ସାଧାରଣ ମୃତ୍ୟୁ ପାଇଁ ୧୦ ଲକ୍ଷ ବୀମା ରାଶି ପ୍ରଦାନ କରାଯାଉଛି।

## ଔଷଧ ପାଇଁ ଲୋକେ ହନ୍ତସନ୍ତ



ଏମଭି-୭୯ (ସମିସ)୨୧।୫: ଅଲ୍ ଇଣ୍ଡିଆ ଅର୍ଗାନାଇଜେସନ୍ ଅଫ୍ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ପକ୍ଷରୁ ଡାକ ଦିଆଯାଇଥିବା ସର୍ବଭାରତୀୟ ଔଷଧ ଦୋକାନ ବନ୍ଦର ପ୍ରଭାବ ମାଲକାନଗିରି ଜିଲ୍ଲାର ଏମଭି-୭୯ ଅଞ୍ଚଳରେ ସ୍ପଷ୍ଟ ଭାବେ ପରିଲକ୍ଷିତ ହୋଇଛି। ଆଜି ଏମଭି-୭୯ରେ ଥିବା ସମସ୍ତ ୫ଟି ଔଷଧ ଦୋକାନ ବନ୍ଦ ରହିଥିବାରୁ ସାଧାରଣ ଲୋକଙ୍କ ସହ ରୋଗୀମାନେ ବେଶ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସକାଳୁ ସ୍ଥାନୀୟ ହସ୍ପିଟାଲ ଓ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କୁ ଦେଖାଇଥିବା ଅନେକ ରୋଗୀ ଔଷଧ ନମିଳିବାରୁ ନିରାଶ ହୋଇ ଫେରିଥିବା ଦେଖିବାକୁ ମିଳିଥିଲା। ବିଶେଷକରି ବୃଦ୍ଧ, ଶିଶୁ ଓ ଦୀର୍ଘଦିନ ଧରି ଔଷଧ ଉପରେ ନିର୍ଭରଶୀଳ ରୋଗୀମାନେ ଏହି ବନ୍ଦ ଯୋଗୁଁ ଅଧିକ ହଇରାଣ ହୋଇଥିଲେ।

## ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର

ରାୟଗଡ, ୨୧।୫(ସମିସ): ରାୟଗଡ ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ପାଇକପଡ଼ା ଶିବ ମନ୍ଦିର ବନ୍ଧରେ ଜଣେ ଅଜଣା ବ୍ୟକ୍ତିର ଶବକୁ ଚାନ୍ଦିଲି ପୁଲିସ ଉଦ୍ଧାର କରିଛି । ଏହି ଅଜଣା ବ୍ୟକ୍ତିଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ସେ କିପରି ବନ୍ଧରେ ପଡି ମୃତ୍ୟୁବରଣ କରିଛନ୍ତି ତାହାର କାରଣ ସ୍ପଷ୍ଟ ହୋଇ ପାରି ନାହିଁ। ଚାନ୍ଦିଲି ଥାନା ପୁଲିସ ତଦନ୍ତ ଜାରି ରଖିଛି। ଶବଟିକୁ ରାୟଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶବ ଗୃହରେ ରଖାଯାଇଥିବା ବେଳେ କେହି ଯଦି ପରିଚୟ ପାଆନ୍ତି ତେବେ ଚାନ୍ଦିଲି ଥାନା ମୋବାଇଲ ନମ୍ବର ୯୪୩୮୯ ୧୬୮୭୪ରେ ଜଣାଇବାକୁ ଅନୁରୋଧ କରାଯାଇଛି।

## ରାୟଗଡ଼ ମହିଳା ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

ରାୟଗଡ, ୨୧।୫(ସମିସ): ରାୟଗଡ଼ ମହିଳା ମହାବିଦ୍ୟାଳୟରେ ଚଳିତ ବର୍ଷର ଯୁକ୍ତ ଦୁଇ (+୨) ପରୀକ୍ଷାରେ ଛାତ୍ରୀମାନେ ଉତ୍କୃଷ୍ଟ ଫଳାଫଳ କରିଛନ୍ତି। କଳା ଶାଖାରେ ୯୦ ପ୍ରତିଶତ ଛାତ୍ରୀ ପାସ୍ କରିଥିବା ବେଳେ ବିଜ୍ଞାନ ଶାଖାରେ ୫୮ ପ୍ରତିଶତ ଏବଂ ବାଣିଜ୍ୟ ଶାଖାରେ ୭୮ ପ୍ରତିଶତ ଛାତ୍ରୀ ସଫଳତା ହାସଲ କରିଛନ୍ତି। କଳାରେ ମୋଟ ୪୪୭ ଛାତ୍ରୀ ପରୀକ୍ଷା ଦେଇଥିଲେ। ପ୍ରଥମ ଶ୍ରେଣୀରେ ୮୧ଜଣ , ଦ୍ୱିତୀୟ ଶ୍ରେଣୀରେ ୮୭ଜଣ ,ତୃତୀୟ ବିଭାଗରେ ୧୪୭ଜଣ ଛାତ୍ରୀ ପାସ୍ କରିଛନ୍ତି। ବିଜ୍ଞାନରେ ମୋଟ ୧୬୨ ଛାତ୍ରୀ ପରୀକ୍ଷା ଦେଇ ପ୍ରଥମ ଶ୍ରେଣୀରେ ୨୦ଜଣ , ଦ୍ୱିତୀୟ ଶ୍ରେଣୀରେ ୪୨ଜଣ ,ତୃତୀୟ ଶ୍ରେଣୀରେ ୩୩ ଜଣ ଛାତ୍ରୀ ପାସ କରିଛନ୍ତି। ବାଣିଜ୍ୟରେ ପ୍ରଥମ ଶ୍ରେଣୀରେ ୫ଜଣ, ଦ୍ୱିତୀୟ ଶ୍ରେଣୀରେ ୫ଜଣ , ତୃତୀୟ ଶ୍ରେଣୀରେ ୩୪ ଜଣ ଛାତ୍ରୀ ପାସ୍ କରିଛନ୍ତି। ମହାବିଦ୍ୟାଳୟର ଏହି ଉତ୍କୃଷ୍ଟ ଫଳାଫଳ ପାଇଁ ଅଧ୍ୟାପକ-ଅଧ୍ୟାପିକାମାନଙ୍କର ପରିଶ୍ରମ ଓ ଛାତ୍ରୀମାନଙ୍କର ନିରନ୍ତର ପଢ଼ାଶୁଣାକୁ ମୁଖ୍ୟ କାରଣ ବୋଲି କଲେଜ୍ ପକ୍ଷରୁ କୁହାଯାଇଛି।

## ଜିଲ୍ଲାସ୍ତରୀୟ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ମାଲକାନଗିରି,୨୧।୫(ସମିସ): ମାଲକାନଗିରି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ "ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମର ତ୍ରୟମାସିକ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ସାମାଜିକ ସଂଗଠନ ପ୍ରତିନିଧି ଓ ଶିଶୁ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ବିଗତ ତିନି ମାସର କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଇନ୍ଦିରା ପ୍ରଧାନ, ଜିଲ୍ଲା ସଂଯୋଜିକା ମୀନାକ୍ଷି ପ୍ରଧାନ, ରୁପେଶ ସାହୁ ଏବଂ ମଣି ମୋହନ ସରକାରଙ୍କ ଦ୍ୱାରା ଉପସ୍ଥାପିତ କରାଯାଇଥିଲା। "ଏହି ଅବସରରେ ଚଳିତ ଦଶମ ଶ୍ରେଣୀ ପରୀକ୍ଷାରେ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଶିଶୁ ଗୃହର ଅନ୍ତେବାସୀମାନଙ୍କୁ ମାନପତ୍ର ସହ ୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହାସହ ପିତୃମାତୃ ହୀନ ଶିଶୁଙ୍କୁ ପ୍ରମାଣପତ୍ର ଏବଂ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ୧୪ ଜଣ କିଶୋରଙ୍କୁ କର୍ମ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାରେ ଶିଶୁଙ୍କ ପ୍ରତି ହେଉଥିବା ସମସ୍ତ ପ୍ରକାରର ଶୋଷଣ ଓ ନିର୍ଯାତନାକୁ ସମ୍ପୂର୍ଣ୍ଣ ଭାବେ ରୋକାଯିବା ସହ ଏଭଳି ଅମାନବୀୟ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତରଫରୁ ସୁଦେଷ୍ଣା ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ।

## ରାୟଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ରାୟଗଡ, ୨୧।୫ (ସମିସ) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ଫଳାଫଳରେ ରାୟଗଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛି। କଳା ବିଭାଗରେ ୮୧.୮୧ ପ୍ରତିଶତ ପାସ୍ ହାର ସହ ୫୫ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଅନେକ ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ବିଜ୍ଞାନ ବିଭାଗରେ ୬୩.୬୩ ପ୍ରତିଶତ ପାସ୍ ହାର ସହ ୭୪ ଜଣ ପ୍ରଥମ ଶ୍ରେଣୀରେ ସଫଳତା ଅର୍ଜନ କରିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ୮୧.୮୫ ପ୍ରତିଶତ ପାସ୍ ହାର ସହ ୪୮ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷା ଡ. ସରସ୍ୱତୀ ରାୟ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିବାବେଳେ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀଙ୍କ ନିଷ୍ଠା ଓ ସମର୍ପଣକୁ ପ୍ରଶଂସା କରିଛନ୍ତି।

## ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ କାର୍ଯ୍ୟର ସମୀକ୍ଷା

ମାଲକାନଗିରି,୨୧।୫(ସମିସ): ଜିଲ୍ଲାର ତୃଣମୂଳ ସ୍ତରର ସରକାରୀ ଯୋଜନାଗୁଡ଼ିକର ସଠିକ୍ କାର୍ଯ୍ୟକାରିତା ଏବଂ ଗ୍ରାମୀଣ ଚାଷୀଙ୍କ ସାମାଜିକ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ କୋରୁକୋଣ୍ଡା ବ୍ଲକ ଗସ୍ତ କରିଛନ୍ତି। ପ୍ରଶାସନିକ ସ୍ୱଚ୍ଛତା ଓ କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କ୍ରମରେ, ଜିଲ୍ଲାପାଳ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ ସରକାରୀ ହିତାଧିକାରୀ ଭିତ୍ତିକ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ଗ୍ରାମାଞ୍ଚଳରେ ଆତ୍ମ ନିଯୁକ୍ତି ସୃଷ୍ଟି ଓ ଦୁଗ୍ଧ, ମାଂସ ଏବଂ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଜିଲ୍ଲାକୁ ସ୍ୱାବଲମ୍ବୀ କରିବା ପ୍ରଶାସନର ମୁଖ୍ୟ ପ୍ରାଥମିକତା ବୋଲି ଏହି ଗସ୍ତ ସମୟରେ ପ୍ରକାଶ ପାଇଛି। ପରିଦର୍ଶନ ସମୟରେ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ





କୋରୁକୋଣ୍ଡା ଓ ଏହାର ଆଖପାଖ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବହୁମୁଖୀ ପ୍ରାଣୀସମ୍ପଦ ଯୋଜନାଗୁଡ଼ିକର ଭୌତିକ ସ୍ଥିତି ଯାଞ୍ଚ କରିଥିଲେ। ସେ କୋରୁକୋଣ୍ଡାଠାରେ ଚାଲିଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ଥିବା ଗୋଟେରୀ ଅର୍ଥାତ୍ ଛେଳି ପାଳନ ୟୁନିଟ୍ ପରିଦର୍ଶନ କରି ଛେଳିଙ୍କ ସ୍ୱାସ୍ଥ୍ୟ ରକ୍ଷା, ଟୀକାକରଣ ଓ ଏହାର ବାଣିଜ୍ୟିକ ପରିଚାଳନା ନେଇ ବୈଷୟିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ସ୍ଥାନୀୟ ବଜାରରେ ମାଂସ ଓ ଅଣ୍ଡା ଚାହିଦା ପୂରଣ କରିବା ସହ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ କାର୍ଯ୍ୟ କରୁଥିବା ବ୍ରଏଲର ଫାର୍ମ ଏବଂ ହାଚେରୀ ୟୁନିଟ୍‌ର କ୍ଷମତା ଏବଂ ଆଧୁନିକୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଗସ୍ତକ୍ରମରେ ଜିଲ୍ଲାପାଳ ଏମଭି-୧୦୯ ଗ୍ରାମକୁ ଯାଇ ସେଠାରେ ଥିବା ବୃହତ ଏମକେୟୁୱାଇ ଗୋ-ପାଳନ ୟୁନିଟ୍ ବୁଲି ଦେଖିଥିଲେ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହ ଏହାର ସଠିକ୍ ସଂଗ୍ରହ ଓ ବଜାର ସଂଯୋଗୀକରଣ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ସେଠାରେ ଉପସ୍ଥିତ ସମସ୍ତ ହିତାଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପ୍ରଗତିଶୀଳ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ସମୀକ୍ଷା ଶେଷରେ ଜିଲ୍ଲାପାଳ ଉପସ୍ଥିତ ଥିବା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ଅଧିକାରୀମାନଙ୍କୁ କଡ଼ା ପ୍ରଶାସନିକ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ସମସ୍ତ ଚାଲୁ ରହିଥିବା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ହେବ ଏବଂ ପ୍ରାଣୀ ଚିକିତ୍ସକ ତଥା ବିଭାଗୀୟ କ୍ଷେତ୍ର କର୍ମଚାରୀମାନେ ନିୟମିତ ଭାବେ ହିତାଧିକାରୀଙ୍କ ଫାର୍ମ ପରିଦର୍ଶନ କରି ଚିକିତ୍ସା ସେବା ଯୋଗାଇଦେବେ। ଏହି ସମୀକ୍ଷା ଗସ୍ତ ସମୟରେ କୋରୁକୋଣ୍ଡା ବ୍ଲକର ବିଡିଓ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମୈତ୍ରୀ ମିଳନରେ ନାଚିଲେ, ଝୁମିଲେ

ମାଥିଲି,୨୧।୫ (ସମିସ): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଦଳପତିଗୁଡା ପଞ୍ଚାୟତ ଅନ୍ତର୍ଗତ ମେଣ୍ଡକୁଲି ଓ ମାଥିଲି ବ୍ଲକ କୀର୍ତ୍ତନପାଲ୍ଲୀ ପଞ୍ଚାୟତ ସଦର ଦୁଇ ଗ୍ରାମ ମଧ୍ୟରେ ନିଆରା ମୈତ୍ରୀ ମିଳନ ଉତ୍ସବ ବା ମାପ୍ରସାଦ ଭେଟଘାଟ ସରାସରି ଉତ୍ସବ ସଭା ଅନୁଷ୍ଠିତ ହୋଇଯାଇଛି। ମେଣ୍ଡକୁଲି ଗ୍ରାମବାସୀ ଏବଂ କାର୍ତ୍ତନପାଲ୍ଲୀ ଗ୍ରାମବାସୀଙ୍କ ମଧ୍ୟରେ ପିଢ଼ି ପିଢ଼ି ଧରି ପ୍ରତି ଦୁଇ ବର୍ଷକୁ ଥରେ ମୈତ୍ରୀ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ପ୍ରତି ଦୁଇ ବର୍ଷକୁ ଥରେ ନିମନ୍ତ୍ରଣ ଦେଇ ଦୁଇ ଗ୍ରାମ ମାପ୍ରସାଦ ବା ମୈତ୍ରୀ ମିଳନ ଭେଟଘାଟ ଅନୁଷ୍ଠିତ

### ଘରକୁ ପ୍ରତ୍ୟାବର୍ତ୍ତନ

ହୋଇଥାଏ । ଏଥର ସଭାରେ ମୁଖ୍ୟ ଅତିଥି ଭାବରେ ଧୁଙ୍ଗିଆପୁଟ ପଞ୍ଚାୟତ ସରପଞ୍ଚ ମଧୁସୂଦନ ନାୟକ,ଦଳପତି ଗୁଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ଡମ୍ବୁ ନାୟକ, ଭୂମିଆ ସମାଜର ବ୍ଲକସ୍ତରୀୟ ସଭ୍ୟ ଧନ ନାୟକ, ସନିଆ ପୂଜାରୀ। ମେଣ୍ଡକୁଲି ଗ୍ରାମର ମୁଖିଆ ଓ ପୂଜାରୀ ହଳଧର ପୂଜାରୀ, ଗାଁ ନାୟକ ରାମଚନ୍ଦ୍ର ନାୟକ, ଧାଙ୍ଗଡ଼ା ନାୟକ ବଳରାମ ନାୟକଙ୍କ ସମେତ ଗ୍ରାମର ସମସ୍ତ



ପୁରୁଷ,ମହିଳା, ଯୁବକ ଯୁବତୀ ମାନେ ଉପସ୍ଥିତ ଥିଲେ । ସେହିପରି ନିମନ୍ତ୍ରିତ କର୍ତ୍ତନପାଲ୍ଲୀ ମୈତ୍ରୀ ଗ୍ରାମର ମୁଖିଆ ତ୍ରିନାଥ ଭୂମିଆ,ଗାଁ ନାୟକ ନାରାୟଣ ଭୂମିଆ,ଚାଲାଣ ପତି ଭୂମିଆ,ନୀଳକଣ୍ଠ ନାୟକ,ସମ୍ବନ୍ଧ ପୂଜାରୀ,ଗାଁର ଧାଙ୍ଗଡ଼ା ନାୟକ ସୁକ୍ରୁ ଭୂମିଆ ଓ କୃଷ୍ଣ ପୁଟିଆଙ୍କ ସମେତ ଗ୍ରାମର ମହିଳା,ଯୁବକ ଓ ଯୁବତୀ ମାନେ ଉପସ୍ଥିତରେ ନିଜ ଗ୍ରାମ ବିଷୟରେ ଆଲୋଚନା କରିଥିଲେ। ଏବଂ ୨୦୨୬ ମୈତ୍ରୀ ମିଳନ ଉତ୍ସବଟି ମେଣ୍ଡକୁଲି ଗ୍ରାମର ମଣ୍ଡପ ଠାରେ ପାଳିତ ହୋଇଥିଲା। ଦୁଇ ଗ୍ରାମବାସୀଙ୍କ ମୈତ୍ରୀ ମିଳନ ଉତ୍ସବ ପିଢ଼ି ପରେ ପିଢ଼ି ପର୍ଯ୍ୟନ୍ତ ଯେପରି ରହିବ ଏବଂ ଯେତେ ବାଧା ବିଘ୍ନ ଆସିଲେ ମଧ୍ୟ ପଛ ଘୁଞ୍ଚା ଦେବା ନାହିଁ ବୋଲି ମେଣ୍ଡକୁଲି ଓ କର୍ତ୍ତନପାଲ୍ଲୀ ଗ୍ରାମବାସୀ ସଂକଳ୍ପ ନେଇଥିଲେ। ଏହ ଉତ୍ସବରେ ଆଦିବାସୀଙ୍କ ପାରମ୍ପରିକ ଢେମାସା ନୃତ୍ୟ, ଗୀତ ବ୍ୟାଣ୍ଡ ବାଜା ସହ ମହୁରିଆ, ଢାପୁ ବାଜାର ତାଳେ ତାଳେ ଦୁଇ ଗ୍ରାମର ମହିଳା, ଯୁବତୀ ,ପୁରୁଷ ଓ ଯୁବକ ମାନେ ଝୁମିଥିଲେ। ଦୀର୍ଘ ତିନି ଦିନ ମେଣ୍ଡକୁଲି ଗ୍ରାମରେ କର୍ତ୍ତନପାଲ୍ଲୀ ଗ୍ରାମବାସୀ ରହିବା ପରେ ନିଜ ନିଜ ଭିତରେ ନିବିଡ଼ ସମ୍ପର୍କ ଯୋଡି ହୋଇ ଯାଇଥିଲା। କିନ୍ତୁ ପୂର୍ବ ପୁରୁଷରୁ ଚାଲି ଆସିଥିବା ପ୍ରଥା ତିନି ଦିନ ରହିବା ପରେ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିବାକୁ ପଡିବ।ସେହି ପ୍ରତ୍ୟାବର୍ତ୍ତନ ସମୟରେ ଏକ ଭାବ ବିହୋଳ ପରିବେଷରେ କର୍ତ୍ତନପାଲ୍ଲୀ ଗ୍ରାମବାସୀ ଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ ଆଦିବାସୀ ପାରମ୍ପରିକ ନୃତ୍ୟ ପରିବେଷଣ କରି ବିଦାୟ ଦେଇଥିଲେ। ମେଣ୍ଡକୁଲି ଗ୍ରାମରେ ତିନି ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ଗ୍ରାମ ଯୁବକ ସଂଘର ସତ୍ୟନାରାୟଣ ପୂଜାରୀ,ପରିଚାଳନା କମିଟିର ସଦସ୍ୟ ସୁଶାନ୍ତ ଆଚାର୍ଯ୍ୟ,ଦୀନବନ୍ଧୁ ନାୟକ,କୋଷାଧ୍ୟକ୍ଷ ଦେବକାନ୍ତ ନାୟକଙ୍କ ସମେତ ଗ୍ରାମର ମହିଳା, ପୁରୁଷ,ଯୁବକ ଓ ଯୁବତୀ ମାନେ ସମସ୍ତ ପ୍ରକାର ସହଯୋଗ କରିଥିଲେ।

# ଜିଲ୍ଲା ଟପ୍ପର ହେଲେ ସମୀକ୍ଷା



କୋଷାଗୁମୁଡ଼ା,୨୧।୫(ସମିସ): ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ଯୁକ୍ତ ଦୁଇ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ବାର୍ଷିକ ପରୀକ୍ଷା ଫଳ ୨୦୨୬ ପ୍ରକାଶ ପାଇଛି। ଉକ୍ତ ଫଳାଫଳ ଅନୁଯାୟୀ ବିଜ୍ଞାନ ବିଭାଗରେ ନବରଙ୍ଗପୁର ଜିଲ୍ଲା ସରକାରୀ ହାୟାର ସେକେଣ୍ଡାରୀ ସ୍କୁଲ କର୍ଚ୍ଚାମାଳର ଛାତ୍ରୀ ସମୀକ୍ଷା ରାଣୀ ମାଳି ବିଜ୍ଞାନ ବିଭାଗରେ ୯୮ ଶତକଡା ୫୮୮ ମାର୍କ ରଖି ଉଚ୍ଚ କୋଟିର ପ୍ରଦର୍ଶନ କରିଛନ୍ତି। ସେ ନବରଙ୍ଗପୁର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ବୋଲି ସୂଚନା ମିଳୁଛି। ସମୀକ୍ଷାଙ୍କ ପିତା ତ୍ରିପତି ମାଳି ଏବଂ ମାତା ସାବିତ୍ରୀ ମାଳିଙ୍କ ଝିଅ ଅଟନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

**● ଔଷଧ ଦୋକାନ ଧର୍ମଘଟ**

# ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପ୍ରଭାବିତ

ସେମିଳିଗୁଡା, ୨୧।୫ (ସମିସ): ଅଖିଳ ଭାରତୀୟ ରସାୟନ ବିଶେଷଜ୍ଞ ଏବଂ ଔଷଧ ବ୍ୟବସାୟୀ ସଂଗଠନ ଦ୍ୱାରା ବନ୍ଦ ଡାକରାରେ ସେମିଳିଗୁଡାରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପ୍ରଭାବିତ କରିଛି। ମଙ୍ଗଳବାର ଦିନ ଅନେକ ରୋଗୀ ଏବଂ ଆଟେଣ୍ଡାଣ୍ଟମାନେ ଔଷଧ ପାଇବାରେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କୋରାପୁଟ ସହରରୁ ଜୟପୋର, ସେମିଳିଗୁଡ଼ା, ସୁନାବେଡା, କୋଟପାଡ ଏବଂ ବୋରିଗୁମ୍ମା ପର୍ଯ୍ୟନ୍ତ, ଅନଲାଇନ୍ ଔଷଧ ବିକ୍ରୟର ପ୍ରତିବାଦରେ ଅଧିକାଂଶ ଖୁଚୁରା ଔଷଧ ଦୋକାନ ବନ୍ଦ ରହିଥିଲା। ଏହି ବନ୍ଦ ନିୟମିତ ଔଷଧ ଉପରେ ନିର୍ଭରଶୀଳ ରୋଗୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ଘରୋଇ ଦୋକାନଗୁଡ଼ିକ ସଟର ପକାଇବା ପରେ ଲୋକମାନେ ଜରୁରୀକାଳୀନ ଔଷଧ ପାଇବା ପାଇଁ ଧାଇଁ ଆସୁଥିବାରୁ ହସ୍ପିଟାଲ ସଂଲଗ୍ନ ଔଷଧ ଦୋକାନରେ ଭିଡ଼ ଲାଗି ରହିଥିଲା। ଔଷଧ ଦୋକାନଗୁଡ଼ିକ ଏକ ଅତ୍ୟାବଶ୍ୟକୀୟ ସାଧାରଣ ସେବା ଏବଂ ଜରୁରୀକାଳୀନ ପରିସ୍ଥିତିରେ କେବେବି ବନ୍ଦ ରହିବା ଉଚିତ୍ ନୁହେଁ ବୋଲି ବାସିନ୍ଦାମାନେ ଅଭିଯୋଗ କରିଥିଲେ। ସେମିଳିଗୁଡାରେ ପ୍ରାୟ ଔଷଧ ଦୋକାନଗୁଡ଼ିକ ବନ୍ଦ ରହିଥିଲା

# ପଞ୍ଚବର୍ଷୀୟ ପରିପେକ୍ଷୀ ଯୋଜନା ଓ ତଦାରଖ କମିଟି ବୈଠକ



କୋରାପୁଟ,୨୧।୫(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ସାମ୍ବିଧାନିକ ଧାରା ୨୭୫(କ) ଅଧୀନରେ ଜିଲ୍ଲାସ୍ତରୀୟ ପଞ୍ଚବର୍ଷୀୟ ପରିପେକ୍ଷୀ ଯୋଜନା ଓ ତଦାରଖ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିକ୍ଷା, କୃଷି, ଜୀବିକା ଓ ରାସ୍ତା ସଂଯୋଗୀକରଣ ଉପରେ ଗୁରୁତ୍ୱ ଦେଇ ଆଗାମୀ ୫ ଆର୍ଥିକ ବର୍ଷ ନିମନ୍ତେ ଆବଶ୍ୟକୀୟ ପ୍ରକଳ୍ପ ଗୁଡିକର ଅନୁମୋଦନ କରାଯାଇଛି। ବିଦ୍ୟାଳୟ ମାନଙ୍କରେ ପାନୀୟ ଜଳ ବ୍ୟବସ୍ଥା, ପରିମଳ, ପାଚେରୀ ନିର୍ମାଣ କରି ଛାତ୍ରଛାତ୍ରୀଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକ ପ୍ରାରମ୍ଭରେ କୋରାପୁଟ ପ୍ରକଳ୍ପ ପ୍ରଶାସିକା ସ୍ନେହପ୍ରଭା ମାଝି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ବୈଠକର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, କୋରାପୁଟ ବିଧାୟକ ରଘୁରାମ ମାଛ, ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋଟପାଡ ବିଧାୟକ ରୁପୁ ଭତ୍ରା, କୋରାପୁଟ ଓ ନବରଙ୍ଗପୁର ସାଂସଦ ପ୍ରତିନିଧିଙ୍କ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଯନ୍ତ୍ରୀ କବିରାଜ ବେହେରାଙ୍କ ସହ କୋରାପୁଟ ଓ ଜୟପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସମସ୍ତ କର୍ମଚାରୀ ବୈଠକରେ ଯୋଗ ଦେଇଥିଲେ। ଶେଷରେ ପ୍ରଶାସିକା ତୃପ୍ତି ବରାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ସହରର ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ଦାବିପତ୍ର ପ୍ରଦାନ

ଜୟପୁର, ୨୧।୫(ସମିସ): ଜୟପୁର ସହରରେ ଟ୍ରାଫିକ ବ୍ୟବସ୍ଥା ଦିନକୁ ଦିନକୁ ବିଗିଡି ଯାଉଥିବା ବେଳେ ପୋରସଂସ୍ଥା କିମ୍ବା ପୁଲିସ ପକ୍ଷରୁ କୌଣସି ନିୟନ୍ତ୍ରଣ କରାଯାଉନଥିବା ଅଭିଯୋଗ ନେଇ ଜୟପୁର ସଚେତନ ନାଗରିକ କମିଟି ପକ୍ଷରୁ ପୌରନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କମିଟି ପକ୍ଷରୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ମୁଖ୍ୟତଃ ସହରର ମୁଖ୍ୟରାସ୍ତାର ଧୋବାସାହି ଛକ ଠାରୁ ରଥପଡିଆ ଛକ ପର୍ଯ୍ୟନ୍ତ ସଂଧ୍ୟା ୫ଟାରୁ ୯ ପର୍ଯ୍ୟନ୍ତ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟନ୍ତ ହୋଇପଡୁଛି। ରାସ୍ତାରେ ଚାଲିଯିବା ମଧ୍ୟ ସମ୍ଭବ ହୋଇପାରୁନାହିଁ। ତେଣୁ ଏହି ରାସ୍ତା ପାଶ୍ୱର୍ରେ ରହିଥିବା ଉଠା, ଠେଲା ଓ ପରିବା ଦୋକାନୀ ମାନଙ୍କୁ ସ୍ଥାନାନ୍ତରିତ କରିବ, ରଥପଡିଆ ଛକ ଠାରେ ବୈଠକ କିମ୍ବା ସଭା ସମିତି ଏହି ସମୟର ମଧ୍ୟ କରାଯିବା ନେଇ ଅନୁମତି ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି ଏହି ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା ଗୁଡିକରେ ଟ୍ରାଫିକ୍ ଏବଂ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ଟ୍ରାଫିକ୍ ନିୟନ୍ତ୍ରଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପୌରନିର୍ବାହୀ ଅଧିକାରୀ ପୂଜା ରାଉତଙ୍କୁ ପ୍ରଦାନ କରାଯାଇଛି। ସଭାପତି ଶକ୍ତିପ୍ରସାଦ ଷଡଙ୍ଗୀ, ସମ୍ପାଦକ ଅକ୍ଷୟ ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ ଏବଂ ଅନି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପକ୍ଷରୁ ନାରୀ ସୁରକ୍ଷା ଦାବି

ବୈପାରିଗୁଡ଼ା,୨୧।୫(ସମିସ): ବୈପାରୀଗୁଡା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମୁଖ୍ୟ ଛକରେ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ପକ୍ଷରୁ ନାରୀ ସୁରକ୍ଷା ସୁନିଶ୍ଚିତ କରିବା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜସ୍ଥାନରେ ଗଣ ଧର୍ଷିତା ଦୁଇ ଭଉଣୀଙ୍କ ଆତ୍ମହତ୍ୟା ଘଟଣାର ପ୍ରତିବାଦରେ କରାଯାଇଛି। ଆଜି ଭାରତର ଅନ୍ୟତମ ବିଜେପି ଶାସିତ ରାଜ୍ୟ ରାଜସ୍ଥାନରେ ଦୁଇ ଭଉଣୀଙ୍କ ଉପରେ ଦୀର୍ଘ ୪ ବର୍ଷ ଧରି ଗଣ ଧର୍ଷଣ ହୋଇଥିଲା। ଏହା ବିରୁଦ୍ଧରେ ସ୍ଥାନୀୟ ପୁଲିସ ଠାରୁ ଆରମ୍ଭ କରି ଜିଲ୍ଲା ଏସ୍‌ପି ପର୍ଯ୍ୟନ୍ତ ଗୁହାରି କରିଥିଲେ ବି କେହି କର୍ଣ୍ଣପାତ କରି ନଥିଲେ। ସେହି ଦୁଇ ଭଉଣୀଙ୍କୁ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ କରିଥିଲେ। ଏହି ଘଟଣା ମେ ୧୫ ତାରିଖ ଘଟିଥିଲେ ବି ପୋଲିସ ନୀରବଦ୍ରଷ୍ଟା ସାଜିଥିଲେ। ଏହି ଘଟଣାର ପ୍ରତିବାଦରେ ରାଜ୍ୟ ପାର୍ଟି ଆହ୍ୱାନରେ କୋରାପୁଟ ଜିଲ୍ଲା ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଆଞ୍ଚଳିକ କମିଟିର ସମ୍ପାଦକ ସୂର୍ଯ୍ୟ ବିଷୋୟୀଙ୍କ ନେତୃତ୍ୱରେ ବୈପାରିଗୁଡା ସହିଦ ଲକ୍ଷ୍ମଣ ନାୟକ ଛକରେ ବହୁ ଏସୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି କର୍ମୀ ସମବେତ ହୋଇ ପ୍ରତିବାଦ କରିଥିଲେ। ଏଥିରେ ଜିଲ୍ଲା ସମ୍ପାଦକ କାହ୍ନୁ ବିଶ୍ୱାଳ ଉଦ୍‌ବୋଧନ ଦେଇଥିଲେ।



**ଅନିଜା ଠାରୁ ଏମ୍ପାଲୱାଲସା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଦାବି**

# ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ରାୟଗଡ଼ା,୨୧।୫(ସମିସ): ଓଡିଶା- ଆନ୍ଧ୍ର ସୀମାନ୍ତ ରାୟଗଡ ଜିଲ୍ଲା ସଦର ବ୍ଲକର ଅନେକ ଗ୍ରାମକୁ ପକ୍କା ରାସ୍ତା ନ ଥିବା ବେଳେ ସୀମାନ୍ତ ଗ୍ରାମବାସୀମାନେ ଉଭୟ ରାଜ୍ୟର ରାସ୍ତା ବ୍ୟବହାର କରି ଆସୁଛନ୍ତି। ତେବେ ଆନ୍ଧ୍ର ପ୍ରଶାସନ ଏହାର ଫାଇଦା ନେଇ ଓଡିଶା ସୀମାନ୍ତରେ ଥିବା ଗ୍ରାମବାସୀଙ୍କୁ ବିଭିନ୍ନ ସୁବିଧା ଯୋଗାଇବା ନେଇ ପ୍ରଲୋଭନ ଦେଖାଇ ଓଡିଶା ମାଟିରେ ରାସ୍ତା ନିର୍ମାଣ କରିବାକୁ ସାହାସ କରି ଆସୁଛି। ତେବେ ବାରମ୍ବାର ଦାବି ସତ୍ତ୍ୱେ ସୀମାନ୍ତ ଅଞ୍ଚଳ ସମସ୍ୟା ପ୍ରତି ଚେତୁନି ରାୟଗଡା ଜିଲ୍ଲା ପ୍ରଶାସନ। ନିକଟରେ ଓଡ଼ିଶା ଭିତରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। ଖବର ମିଳିବା ପରେ ଜିଲ୍ଲା ପ୍ରଶାସନ ସେଠାରେ ପହଞ୍ଚି ରାସ୍ତା ନିର୍ମାଣକୁ ବନ୍ଦ କରିବା ସହ ଓଡିଶା ସରକାର ପକ୍ଷରୁ ରାସ୍ତା ନିର୍ମାଣ ପ୍ରତିଶୃତି ମିଳିଥିଲା। ହେଲେ ରାୟଗଡ଼ ପ୍ରଶାସନ ପକ୍ଷରୁ ଏଯାବତ୍ ସେଠାରେ ରାସ୍ତା ନିର୍ମାଣ କରାଗଲା ନାହିଁ କିମ୍ବା ଏନେଇ କୌଣସି ଯୋଜନା ମଧ୍ୟ ପ୍ରଶାସନ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଫଳରେ ବିଭିନ୍ନ ସମସ୍ୟା ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ। ରାୟଗଡ଼ ବ୍ଲକ କେରେଡ଼ା ପଞ୍ଚାୟତ ଅଧୀନସ୍ଥ ଏମ୍ପାଲୱାଲସା ଗାଁର ଗ୍ରାମବାସୀ ଏନେଇ ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କେରେଡ଼ା ସରପଞ୍ଚ ବିଜୟଲକ୍ଷ୍ମୀ କଲକା ଏବଂ ୱାର୍ଡ ସଭ୍ୟ ଚିନ୍ତାଲି ଜିଲାକାରାଙ୍କ ନେତୃତ୍ୱରେ ଏମ୍ପାଲୱାଲସା ଗ୍ରାମବାସୀ ଅନିଜା ଠାରୁ ଏମ୍ପଲବାଲସା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ଭେଟି ଦାବିପତ୍ର ଦେବା ସହିତ ଆଲୋଚନା କରିଥିଲେ। ଏମ୍ପାଲୱାଲସା ଗାଁ ଓଡିଶା-ଆନ୍ଧ୍ରପ୍ରଦେଶ ସୀମାନ୍ତରେ ରହିଥିବା ଓଡ଼ିଶାର ଏକ ଗାଁ ହୋଇଥିଲେ ହେଁ ଏଠାକାର ଲୋକେ ପକ୍କା ଗ୍ରାମ୍ୟ ସଡ଼କ ଯୋଜନାରୁ ବଞ୍ଚିତ ଅଛନ୍ତି। ତେଣୁ ତୁରନ୍ତ ଗାଁକୁ ରାସ୍ତା ନିର୍ମାଣ ନକଲେ ଅଞ୍ଚଳବାସୀ ଆନ୍ଧ୍ରପ୍ରଦେଶ ରାଜ୍ୟ ସରକାର ଯୋଗାଉଥିବା ସମସ୍ତ ସରକାରୀ ଯୋଜନା ଗ୍ରହଣ କରିବା ସହିତ ଆନ୍ଧ୍ରପ୍ରଦେଶ ରାଜ୍ୟର ସମସ୍ତ ସରକାରୀ ସୁବିଧା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଅତିରିକ୍ତ ଜିଲ୍ଲା ନବୀନ ଚନ୍ଦ୍ର ନାୟକ ଏହାର ଅନୁଧ୍ୟାନ କରି ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



# +୨ ପରୀକ୍ଷାରେ ସୁନାବେଡ଼ା ବିଦ୍ୟାଳୟର ସଫଳତା

ସୁନାବେଡ଼ା ,୨୧।୫(ସମିସ): ସୁନାବେଡ଼ା -୧ ସ୍ଥିତ ସରକାରୀ (ଏସଏସଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ବିଜ୍ଞାନର ଛାତ୍ରୀ ମାନେ ଆଶାନୁରୂପ ସନ୍ତୋଷଜନକ ଫଳାଫଳ ହାସଲ କରିଛନ୍ତି। ବିଜ୍ଞାନରେ ୭୪ ରୁ ୭୪ ଜଣ ପାସ୍ କରିଛନ୍ତି। ଅଜୟ ମଣ୍ଡିଙ୍ଗ ସର୍ବାଧିକ ୫୦୯ (୮୪.୮୩ ପ୍ରତିଶତ) ନମ୍ବର ରଖି ବିଦ୍ୟାଳୟର ପ୍ରଥମ ସ୍ଥାନରେ ରହିଛନ୍ତି। ୩୦ ଜଣ ପ୍ରଥମ ଶ୍ରେଣୀରେ ପାସ୍ ହୋଇଥିବା ବେଳେ ୨୪ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୧୦ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସୁନାବେଡ଼ା ସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ +୨ କଳାର ଛାତ୍ରୀମାନେ ଆଶାନୁରୂପ ସନ୍ତୋଷଜନକ ଫଳାଫଳ ହାସଲ କରିଛନ୍ତି। କଳାରେ ୨୪୫ ରୁ ୨୩୭ (୯୬.୭୩ ପ୍ରତିଶତ) ଶତକଡା ପାସ ହାର ରହିଥିବା ବେଳେ ଜ୍ୟୋତ୍ସ୍ନା ହୂଇକା ସର୍ବାଧିକ ୫୫୫ (୯୨.୫ ପ୍ରତିଶତ) ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ପ୍ରଥମ ସ୍ଥାନରେ ରହିଛନ୍ତି। ପ୍ରଥମ ଶ୍ରେଣୀରେ ୪୦ ଜଣ , ଦ୍ୱିତୀୟ ଶ୍ରେଣୀରେ ୭୮ ଜଣ, ତୃତୀୟ ଶ୍ରେଣୀରେ ରେ ୧୧୯ ଜଣ ପାସ୍ କରିଛନ୍ତି। ସେହିପରି ବିଜ୍ଞାନ ପରୀକ୍ଷାରେ ୧୦୧ ରୁ ୬୫ (୬୪.୩୫ ପ୍ରତିଶତ) ଶତକଡା ପାସ ହାର ରହିଥିବା ବେଳେ ସିଆ ଆଲମପାଡ଼ିଆ ସର୍ବାଧିକ ୪୫୮ (୭୬.୩୩ ପ୍ରତିଶତ) ରଖି ବିଦ୍ୟାଳୟର ପ୍ରଥମ ସ୍ଥାନରେ ଥିବାବେଳେ। ପ୍ରଥମ ଶ୍ରେଣୀରେ ୦୮ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୩ ଜଣ, ତୃତୀୟ ଶ୍ରେଣୀ ରେ ୪୪ ଜଣ ପାସ ହୋଇଛନ୍ତି। ଧନ୍ଦାମୂଳକ ସିଆରଏମ ଶିକ୍ଷାରେ ୨୨ରୁ ୨୧ ( ୯୫.୪୫ ପ୍ରତିଶତ) ରଖିଥିବା ଗୀତା ପାଙ୍ଗି ସର୍ବାଧିକ ୩୫୦(୫୮.୩୨ ପ୍ରତିଶତ) ନମ୍ବର ରଖି ବିଦ୍ୟାଳୟର ପ୍ରଥମ ସ୍ଥାନରେ ରହିଛନ୍ତି। ଦ୍ୱିତୀୟ ଶ୍ରେଣୀରେ ୧୦ ଜଣ, ତୃତୀୟ ଶ୍ରେଣୀର ୧୧ ଜଣ ପାସ୍ ହୋଇଛନ୍ତି। ସେହିପରି ଧନ୍ଦାମୂଳକ ଆଇଟିସି ଶିକ୍ଷାରେ ୨୦ ରୁ ୧୭ (୮୫ ପ୍ରତିଶତ) ରଖିଛନ୍ତି। ପ୍ରଥମ ଶ୍ରେଣୀରେ ୦୧, ଦ୍ୱିତୀୟ ଶ୍ରେଣୀରେ ୧୦ ଜଣ, ତୃତୀୟ ଶ୍ରେଣୀରେ ୬ ଜଣ ପାସ୍ ହୋଇଛନ୍ତି। ସେହିପରି ସୁନାବେଡ଼ା -୨, ହାଲ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାୟରେ ଯୁକ୍ତ ଦୁଇ କଳା, ବାଣିଜ୍ୟ ଓ ବିଜ୍ଞାନରେ ଆଶାନୁଯାୟୀ ଛାତ୍ରଛାତ୍ରୀମାନେ ଫଳାଫଳ ହାସଲ କରିଛନ୍ତି। କଳାରେ ୮୧.୩୨ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇଥିଲା ବେଳେ ବାଣିଜ୍ୟରେ ୭୮.୯୫ ପ୍ରତିଶତ ଏବଂ ବିଜ୍ଞାନରେ ୮୦.୯୫ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଫଳାଫଳକୁ ନେଇ ସରକାରୀ (ଏସଏସଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ରଶ୍ମୀ ରେଖା ସେଠୀ , ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ଇନ୍ଦିରା ପଟ୍ଟନାୟକ ଏବଂ ଏରୋନଟିକ୍ସ ମହାବିଦ୍ୟାଳୟର ଅଧକ୍ଷା ଡ଼. ଅନୁସୂୟା ନନ୍ଦ ଓ ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ, ଅଭିଭାବକ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।





# ଡିପିଏସ୍‌ର ସଫଳ ଛାତ୍ରଛାତ୍ରୀଙ୍କୁ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ସମ୍ବର୍ଦ୍ଧନା



ଦାମନଯୋଡ଼ି,୨୧।୫(ସମିସ): ଗତ ୧୩ ତାରିଖ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ (ସିବିଏସଇ) ପକ୍ଷରୁ ପ୍ରକାଶ ପାଇଥିବା ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଦାମନଯୋଡ଼ି ନାଲ୍‌କୋ ଟାଉନସିପ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ) ପାଇଁ ବେଶ ଉତ୍ସାହ ଜନକ ହୋଇଛି। ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ବୁଧବାର ଅପରାହ୍ନରେ ସ୍କୁଲ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସ୍କୁଲର ପ୍ରୋଭାଇସ ଚେୟାରମ୍ୟାନ ଅମରେନ୍ଦ୍ର କୁମାର ମିଶ୍ର, ନିଜ ଧର୍ମପତ୍ନୀ ନିରୂପମା ପଣ୍ଡାଙ୍କ ସହିତ ମୁଖ୍ୟ ଅତିଥି ରୂପେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣାଇଥିଷଲ। ନାଲକୋ ମୁଖ୍ୟ ମହାପ୍ରବନ୍ଧକ ତଥା ପରିଚାଳନା କମିଟି ସଦସ୍ୟ ସଞ୍ଜୟ ଗୁପ୍ତା,ମୁଖ୍ୟ ମହାପ୍ରବନ୍ଧକ ତଥା ପରିଚାଳନା କମିଟି ସଦସ୍ୟ ସୁଗାତୋ ଆନନ୍ଦ ବାସୁ ଓ ଶ୍ରୀ ବାସୁଙ୍କ ଧର୍ମପତ୍ନୀ ଅମ୍ରିତା ବାସୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ସ୍କୁଲ ଅଧକ୍ଷା ସୁଜାତା ପାଣିଙ୍କ ସହିତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଦ୍ୱାଦଶ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁବାର ସ୍କୁଲ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲ ପରିସରକୁ ସବୁଜିମା କରିବା ସହିତ ପରିବେଶ ସଚେତନତା ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ୩୦ଗୋଟି ଆଭୋକାଡୋ ଚାରା ରୋପଣ କରାଯାଇଥିଲା। ଏଥିରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ରଙ୍କ ଧର୍ମପତ୍ନୀ ତଥା ନାଲକୋ ଦାମନଯୋଡ଼ିର ପ୍ରଥମ ମହିଳା ନିରୂପମା ପଣ୍ଡା ମୁଖ୍ୟ ଅତିଥି ରୂପେ ଓ ମୁଖ୍ୟ ମହାପ୍ରବନ୍ଧକ ତଥା ପରିଚାଳନା କମିଟି ସଦସ୍ୟ ସୁଗାତୋ ଆନନ୍ଦ ବାସୁଙ୍କ ଧର୍ମପତ୍ନୀ ଅମ୍ରିତା ବାସୁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ।

# ୧ ଲକ୍ଷ ୮୦ ହଜାର ଟଙ୍କାର ଦେଶୀ ମଦ ଜବତ

ନାରାୟଣପଟଣା,୨୧।୫(ସମିସ): ଜଙ୍ଗଲ ମଝିରେ ବେଧଡ଼କ ଚାଲିଥିଲା ଦେଶୀ ମଦ ତିଆରି । ଅବକାରୀ ବିଭାଗ ପହଞ୍ଚିବା ପୂର୍ବରୁ ମଦ ମାଫିଆ ଚମ୍ପଟ ମାରିଛନ୍ତି। ସୂଚନା ମୁତାବକ ବହୁ ଦିନ ଧରି ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ବେଧଡ଼କ ଦେଶୀ ମଦ ପ୍ରସ୍ତୁତି ଚାଲିଥିଲା। ଏହି ଖବର ପାଇ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ନାରାୟଣପଟଣା ଅବକାରୀ ଉପ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ବନ୍ଧୁଗାଁ ଥାନା ଅର୍ନ୍ତଗତ ଆଲମଣ୍ଡା ପଞ୍ଚାୟତର ଚେକାପାଡୁ, ଗୋତିଗୁଡା ଗ୍ରାମ ଏବଂ ନିକଟସ୍ଥ ଜଙ୍ଗଲରେ ଥିବା ନାଳରେ ବେଧଡକ ମଦ ରନ୍ଧା ଖବର ପାଇ ନାରାୟଣପାଟଣା ଅବକାରୀ ଷ୍ଟାଫ ମିଶି ଗ୍ରାମର ନିକଟରେ ଥିବା ନାଳ ଓ ଜଙ୍ଗଲରେ ଚଢ଼ଉ କରି ୨୪୦୦ ଲିଟର ଗୁଡ ମିଶ୍ରିତ ପୋଚ ଏବଂ ୨୫୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି। ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୮୦ ହଜାରେ ହେବ ଏବଂ ଗୋଟି ବେନାମୀ ମକଦ୍ଦମା ଏବଂ ଗୋଟିଏ ମହିଳା ନାମରେ ମକଦ୍ଦମା ରୁଜୁ କରି ୩୫(୩) ବିଏନଏସଏସ ୨୦୨୩ରେ ଛଡାଗଲା। ଏଥିରେ କୋରାପୁଟ ରେଞ୍ଜ ନିରୀକ୍ଷକ ନାରାୟଣପଟଣା ଉପ ନିରୀକ୍ଷକ ବିଶ୍ୱଜିତ ପାଣିଗ୍ରହୀ ଓ ସହ ଉପ ନିରୀକ୍ଷକ ଉମେଶ କୁମାର ଦୋରା, ଓ ଅବକାରୀ କର୍ମଚାରୀମାନେ ସହଯୋଗ କରିଥିଲେ।

# ବିଜ୍ଞାନରେ ଆଶୁତୋଷ ଓ କଳାରେ ଯଶବନ୍ତ ଟପ୍ପର

ଦାମନଯୋଡ଼ି,୨୧।୫(ସମିସ): ବୁଧବାର ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶ ପାଇଥିବା +୨ ପରୀକ୍ଷା ଫଳ ଦାମନଯୋଡ଼ି ପାଇଁ ଉତ୍ସାହ ଜନକ ହୋଇଛି। ମାଥାଲପୁଟ ସ୍ଥିତ ପିଏମଶ୍ରୀ ମାଲୁ ସାଉନ୍ତା ସରକାରୀ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୨୧ନମ୍ବର (୮୬.୩ ପ୍ରତିଶତ) ରଖି ଯଶବନ୍ତ ବିଶୋଇ +୨ କଳାରେ ଦାମନଯୋଡ଼ି ଟପ୍ପର ହୋଇଛନ୍ତି। ପିତା ଡମ୍ବରୁଧର ବିଶୋଇ ଓ ମାତା ଉଷାରାଣୀଙ୍କ ସୁପୁତ୍ର ହେଉଛନ୍ତି ଯଶବନ୍ତ। ଏହି ବିଦ୍ୟାଳୟରେ +୨ କଳାରେ ୧୧୯ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ୧୧୭ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୦୧ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୬ଜଣ ପ୍ରଥମ ଶ୍ରେଣୀ ପାଇଥିବାବେଳେ ୬୧ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୨୪ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ନାଲକୋ ଟାଉନସିପ ସରସ୍ୱତୀ ବିଦ୍ୟାମନ୍ଦିରର +୨କଳା ରେଗୁଲାରରେ ପରୀକ୍ଷା ଦେଇଥିବା ସମସ୍ତ ୧୦୭ପିଲା ଉତ୍ତୀର୍ଣ୍ଣ ହୋଇଛନ୍ତି। ଶତ ପ୍ରତିଶତ ଉତ୍ତୀର୍ଣ୍ଣଙ୍କ ମଧ୍ୟରେ ରଞ୍ଜନ ଚଲାଣ ୫୦୫ନମ୍ବର(୮୪.୨ ପ୍ରତିଶତ) ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ପିତା ରେନ୍ଦୁ ଚଲାଣ ଓ ମାତା ଗୌରୀ ଚଲାଣଙ୍କ ସୁପୁତ୍ର ହେଉଛନ୍ତି ରଞ୍ଜନ। ଏହି ବିଦ୍ୟାମନ୍ଦିରରେ ୨୫ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ,୨୭ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୫୫ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି +୨ ବିଜ୍ଞାନ ରେଗୁଲାରରେ ପରୀକ୍ଷା ଦେଇଥିବା ୪୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ଆଶୁତୋଷ ବେହେରା ସର୍ବାଧିକ ୭୨.୫ପ୍ରତିଶତ ନମ୍ବର ରଖି ବିଦ୍ୟାମନ୍ଦିରର ଟପ୍ପର ହୋଇଛନ୍ତି। ପିତା ସନ୍ତୋଷ ବେହେରା ଓ ମାତା ସୁଜାତା ବେହେରାଙ୍କ ସୁପୁତ୍ର ହେଉଛନ୍ତି ଆଶୁତୋଷ। ୧୪ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ,୨୩ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୬ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପିଏମଶ୍ରୀ ମାଲୁ ସାଉନ୍ତା ସରକାରୀ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରଶ୍ମିରଞ୍ଜନ ସେଠୀ ଓ ସରସ୍ୱତୀ ବିଦ୍ୟାମନ୍ଦିରର ଅଧକ୍ଷ ଡ.ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ସହିତ ଦୁଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି କର୍ମକର୍ତ୍ତା କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।






**■ ଦାର୍ଲିପୁଟ ବାଲିଘାଟ ଉପରେ ଆଡିବନ୍ଧ**

# ଆବାସ ହିତାଧିକାରୀଙ୍କ ପାଇଁ ବଢ଼ିଲା ଅଡୁଆ

ନନ୍ଦପୁର,୨୧।୫(ସମିସ): ପାଡୁଆ ଠାରୁ ଦାର୍ଲିପୁଟ ପର୍ଯ୍ୟନ୍ତ ରହିଥିବା ବାଲି ଘାଟରୁ ହେଉଛି ବାଲି ଚୋରି। ମଙ୍ଗଳବାର ଖଣିଜ ସମ୍ପଦ ବିଭାଗ ସହ ନନ୍ଦପୁର ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି ଘଟଣା ସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ସହ ନଦୀ ଘାଟରୁ ବାଲିଚୋରି ରୋକିବାକୁ ଆଡି ବନ୍ଧ ନିର୍ମାଣ କରି ନଦୀ ଘାଟକୁ ଯିବାକୁ ସବୁ ରାସ୍ତା ବନ୍ଦ କରିଛନ୍ତି । ସେପଟେ ଆବାସ ହିତାଧିକାରୀଙ୍କ ମୁଣ୍ଡ ବ୍ୟଥା ହୋଇଛି । ପ୍ରଶାସନ ନନ୍ଦପୁର ବ୍ଲକ୍‌ରେ ଚାଲୁଥିବା ଆବାସ ନିର୍ମାଣର ଧାର୍ଯ୍ୟ ସମୟ ସୀମାରେ ନିର୍ମାଣ ଶେଷ କରିବା ଲକ୍ଷ୍ୟରେ ବାରମ୍ବାର ତଦାରଖ ଚାଲୁ ରହିଥିବା ବେଳେ ଆବାସ ନିର୍ମାଣରେ ବାଧକ ହେବ କି ବାଲି ବନ୍ଧ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ନନ୍ଦପୁର ବ୍ଲକ୍‌ର ମୋଟ ୧୫ ଶହରୁ ଅଧିକ ଆବାସ ଗୃହ ନିର୍ମାଣ ଧୀନ ରହିଥିବା ବେଳେ ଆବଶ୍ୟକ ବାଲି ଆବାସ ହିତାଧିକାରୀ ଆଣିବେ କେଉଁଠୁ । ଆବାସ ହିତାଧିକାରୀଙ୍କୁ ଆବଶ୍ୟକ ବାଲି ସରକାର ମାଗଣା ରୟାଲଟିରେ ଯୋଗାଇ ଦେବା ପାଇଁ କହୁଥିବା ବେଳେ ବାଲି ଚୋରି ହେଉଥିବା ନେଇ ବିଭାଗ ନଦୀ ଘାଟ ମୁହାଣରେ ମେସିନ ସାହାଯ୍ୟରେ ଗାତ ଖୋଳି ଗାଡି ନଦୀ ମୁହାଣକୁ ନ ଯିବା ପାଇଁ ବ୍ୟବସ୍ଥା କରାଯାଇ ଥିବା ଦେଖିବାକୁ ମିଳିଛି । ତେବେ ପାଡୁଆ ଠାରୁ ଦାର୍ଲୀପୁଟ ନଦୀ ଘାଟ ପର୍ଯ୍ୟନ୍ତ ବାଲି ଉଠାଣ ବନ୍ଦ କରା ଯାଇଥିବା ବେଳେ ଆବାସ ହିତାଧିକାରୀଙ୍କ ଆବାସ ନିର୍ମାଣ ନିର୍ଦ୍ଧାରିତ ସମୟରେ ଶେଷ ହେବା ପ୍ରଶ୍ନ ଉଠୁନାହିଁ ବୋଲି କୁହାଯାଉଛି। ଏହି ସ୍ଥିତିରେ ଆଗକୁ ମୌସୁମୀ ଆସିବା ସମୟ ହୋଇଥିବା ବେଳେ ନଦୀ ଘାଟରୁ ବାଲି ଉଠାଣ ବନ୍ଦ ନେଇ ଆବାସ ହିତାଧିକାରୀଙ୍କ ମୁଣ୍ଡରେ ଚିନ୍ତା ବଢିଛି। ସେପଟେ ଲଘୁ ଖଣିଜ ସମ୍ପଦ ବିଭାଗ କନିଷ୍ଠ ଅଧିକାରୀ ଚମ୍ପକ ନାୟକ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆବାସ ହିତାଧିକାରୀଙ୍କ ବିଷୟ ଆଲୋଚନା କରାଯାଇ ବିକଳ୍ପ ବ୍ୟବସ୍ଥା କରାଯିବ।

# ଏଲ୍‌ଆଇସି ଏଜେଣ୍ଟ ସଂଘ ପକ୍ଷରୁ ପଥଚାରୀଙ୍କୁ ଦହିଚଲା ବଣ୍ଟନ

ଜୟପୁର, ୨୧।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜୀବନ ବୀମା ନିଗମ (ଏଲଆଇସି) କାର୍ଯ୍ୟାଳୟର ଏଜେଣ୍ଟ ସଂଘ ପକ୍ଷରୁ ପଥଚାରୀଙ୍କୁ ପ୍ରବଳ ଗ୍ରୀଷ୍ମ ପାଇଁ ଦହିଚଲା ବଣ୍ଟନ କରାଯାଇଥିଲା। ସ୍ଥାନୀୟ ଜୟପୁର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥରେ ବାଇକ, ଅଟୋ, ସାଇକେଲ ଏବଂ ଅନ୍ୟାନ୍ୟ ପଥଚାରୀ ମାନଙ୍କୁ ଗତକାଲି ଥଣ୍ଡା ଦହିଚଲା ବଣ୍ଟନ କରାଯାଇଛି। ପ୍ରବଳ ଗ୍ରୀଷ୍ମ ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏହି ପରିପ୍ରେକ୍ଷୀରେ ଏଲଆଇସି ଏଜେଣ୍ଟ ସଂଘ ପକ୍ଷରୁ ସେବା ମନୋବୃତ୍ତି ନେଇ କାର୍ଯ୍ୟାଳୟ ସମ୍ମୁଖରେ ଏହି ବଣ୍ଟନ କାର୍ଯ୍ୟ କରାଯାଇଥିଲା। ଏଥିରେ ସଂଘର ବରିଷ୍ଠ ସଦସ୍ୟ ଯୋଗବନ୍ଧୁ ପଣ୍ଡା, ମିକୁ ନାୟକ, ସ୍ମୃତି ସ୍ୱାଇଁ, କେ.ସି. ଦଳାଇ, ସତ୍ୟବାନ ଦଳା, ପି. ଶ୍ରୀନିବାସ ରାଓ ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟାନ୍ୟ ସଂଘର ସଦସ୍ୟ ମାନେ ସହଯୋଗ କରିଥିଲେ।

# ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ



ଖଇରପୁଟ,୨୧।୫(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ସ୍ଥିତ ଡାରଉଇନ ମେମୋରିଆଲ ଡିଗ୍ରୀ କଲେଜ ପରିସରରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଇରପୁଟ ବ୍ଲକ ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ସାମ୍ବାଦିକମାନେ ଯୋଗଦେଇ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସଂଘର ଜିଲ୍ଲା ସଭାପତି ଅଶୋକ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଡାରଉଇନ ମେମୋରିଆଲ କଲେଜର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ସାମ୍ବାଦିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ମତ ପ୍ରକାଶ କରି ସମାଜ ଗଠନରେ ଗଣମାଧ୍ୟମର ଭୂମିକାକୁ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ସମ୍ପାଦକ ବି.ଶ୍ରୀନିବାସ ପାତ୍ର, କୋଷାଧ୍ୟକ୍ଷ ହୃଷୀକେଶ ସେଠୀ ଓ ଖଇରପୁଟ ବ୍ଲକ ସଭାପତି ପ୍ରଭାକର ସୁନା ମଞ୍ଚାସୀନ ଥିଲେ। ବୈଠକରେ ସଂଘର ନିଜସ୍ୱ କାର୍ଯ୍ୟାଳୟ ଗୃହନିର୍ମାଣ, ଅନ୍ୟାନ୍ୟ ବ୍ଲକରେ ବ୍ଲକସ୍ତରୀୟ କାର୍ଯ୍ୟାଳୟ ସ୍ଥାପନ, ସଂଘକୁ ଅଧିକ ସୁଦୃଢ କରିବା ଓ ସାମାଜିକ ସେବାମୂଳକ କାର୍ଯ୍ୟକୁ ଆଗେଇ ନେବା ଭଳି ବିଭିନ୍ନ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ୭ଟି ବ୍ଲକରୁ ୫୦ରୁ ଅଧିକ ସଦସ୍ୟ ଉପସ୍ଥିତ ଥିଲେ। ଉପସ୍ଥିତ ସଦସ୍ୟମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସଂଘର କାର୍ଯ୍ୟାଳୟ ସମ୍ପାଦକ ଭଗବାନ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବରିଷ୍ଠ ସଦସ୍ୟ ଓ ଉପଦେଷ୍ଟା ବାଳକୃଷ୍ଣ ପ୍ରଧାନ ଧନ୍ୟବାଦ ଜଣାଇଥିଲେ। ବରିଷ୍ଠ ସଦସ୍ୟ ଜଗନ୍ନାଥ ଦଲେଇଙ୍କ ସହ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

